## ସଂକ୍ଷେପରେ

### ଟିପ୍ପର ଧକ୍କାରେ ଯୁବକ ମୃତ, ରାସ୍ତାରୋକୋ

**ବାସୁଦେବପୁର,୩୧।୧ (ନାରାୟଣ ପ୍ରସାଦ ବାରିକ୍)**

ଚାନ୍ଦିମାଳ-କଷିଆ ରାସ୍ତାରେ ଶୁକ୍ରବାର ଅପରାହ୍ନ ୨ଟା ୩୦ ବେଳେ ଏକ ଟିପ୍ପର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋପବନ୍ଧୁନଗର ଗ୍ରାମର ବଳରାମ ଜାନା। ଦୁର୍ଘଟଣା ପରେ କଷିଆ ସାମୁଦ୍ରିକ ପୋଲିସ ସହାୟତାରେ ବଳରାମଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ଅପରାହ୍ନ ୩ଟାରେ ବାସୁଦେବପୁର-ଧାମରା ରାସ୍ତାର ଚାନ୍ଦିମାଳ ଛକ ନିକଟରେ ରାସ୍ତାରୋକୋ କରିଥିଲେ। ମୃତ ବଳରାମଙ୍କ କେତେକ ସମ୍ପର୍କୀୟ ଓ ସ୍ଥାନୀୟ ଲୋକେ ମୃତଦେହକୁ ଚାନ୍ଦିମାଳଠାରେ ରଖି ରାସ୍ତା ଅବରୋଧ କରିଥିଲେ। କଷିଆ ସାମୁଦ୍ରିକ ଥାନା ଆଇଆଇସି ସାବିତ୍ରୀ ପଣ୍ଡା ପହଞ୍ଚି ବୁଝାଶୁଝା କରିଥିଲେ। କ୍ଷତିପୂରଣ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା। ପୋଲିସ ଟିପ୍ପରକୁ ଅଟକ ରଖିଛି।

### ଭଡ଼ାଘରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

**ବାଲିଅନ୍ତା,୩୧।୧ (ନୀଳମାଧବ ସାହୁ)**

ପାହାଳ ଥାନା ଅଧୀନ ଅଟଳାସ୍ଥିତ ଏକ ଭଡ଼ାଘର ବାରଣ୍ଡାରୁ ଶୁକ୍ରବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ଭଦ୍ରକ ସାବରଙ୍ଗ ଗ୍ରାମର ଜ୍ୟୋତିରଞ୍ଜନ ବାରିକ୍ ଓରଫ ଭାଲୁଆ (୨୫)। ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକ ଅଭିଯୋଗ ଆଣି ପାହାଳ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ହତ୍ୟା ମାମଲା (ନଂ. ୩୧/୨୫) ରୁଜୁ କରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ସୂଚନା ମୁତାବକ, ଭାଲୁଆ ପାହାଳ ଅଞ୍ଚଳରେ ଜଣେ ଗ୍ୟାସ ବିତରକଙ୍କ ପାଖରେ ରହି ଗ୍ୟାସ ଚୁଲା ମରାମତି ମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ୬ ମାସ ହେଲା ସେ ଅନ୍ୟ ୩ ସହଯୋଗୀଙ୍କ ସହ ଭଡ଼ାଘର ନେଇ ରହୁଥିଲେ। ଶୁକ୍ରବାର ସକାଳେ ଉକ୍ତ ଘର ବାରଣ୍ଡାର ଟିଣ ଆଜବେଷ୍ଟସ୍ ହୁକ୍‌ରେ ଏକ ଗାମୁଛାରେ ଝୁଲୁଥିବା ଅବସ୍ଥାରେ ଗ୍ୟାସ ଦୋକାନୀ ଦେଖିବାକୁ ପାଇଥିଲେ ବୋଲି ପୋଲିସକୁ ବୟାନ ଦେଇଛନ୍ତି। ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ।

### ଅଧ୍ୟାପକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଧୂଷୁରୀ, ୩୧।୧ (ଦୀପ୍ତିରଞ୍ଜନ ନାୟକ)**

ବିଦାୟୀ ଅଧ୍ୟାପକ ପଦ୍ମନାଭ ତ୍ରିପାଠୀ ଚିର ଫଗୁଣ। ରାଜନୀତି ବିଜ୍ଞାନ ବିଭାଗରେ ଦୀର୍ଘବର୍ଷ ଧରି କାର୍ଯ୍ୟ କରି ସେ ଶୁକ୍ରବାର ବିଦାୟ ନେଇଛନ୍ତି। ତାଙ୍କ ଶିକ୍ଷାଦାନ ଚିରଦିନ ଅଭୁଲା ହୋଇ ରହିବ ବୋଲି ଧାମନଗର ବ୍ଲକ ଇନ୍ଦିରା ଗାନ୍ଧୀ ସ୍ମୃତି ବିଜ୍ଞାନ ଓ ବୈଷୟିକ ଶିକ୍ଷା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅପରାହ୍ନ ୨ଟାରେ ଅନୁଷ୍ଠିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଅତିଥିମାନେ କହିଥିଲେ। ଅଧ୍ୟକ୍ଷ ନାରାୟଣ ମହାନ୍ତିଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଗୌରାଙ୍ଗ ନାୟକ, ଅର୍ଚ୍ଚନା ମହାନ୍ତି, ଭାଗିରଥି ବେହେରା, ଦିଲୀପ ମିଶ୍ର, ନୃସିଂହ ଚରଣ ପାଢୀ, ନରେନ୍ଦ୍ର ସାହୁ, ଚିତ୍ତରଞ୍ଜନ ଦାସ, ଭରତ ବେହେରା, ଉମେଶ ନାୟକ, ରବୀନ୍ଦ୍ର ପ୍ରଧାନ, ଅଭୟ ବେହେରା, ଗୋଲକ ସେଠୀ, କମଳ ଲୋଚନ ମଲିକ, ମନସ୍ମିତା ସାହୁ, ଚିନ୍ମୟୀ ସେଠୀ, ଗୋଲକ ମଲିକ ପ୍ରମୁଖ ଯୋଗ ଦେଇଥିଲେ। ବିଦାୟୀ ଅଧ୍ୟାପକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

### ରଟନ୍ତି କାଳୀପୂଜା

**ଭଣ୍ଡାରିପୋଖରୀ,୩୧।୧ (ରାଜେନ୍ଦ୍ର ଶତପଥୀ)**

ଭଣ୍ଡାରିପୋଖରୀ ବ୍ଲକର ଜଳମଣ୍ଡୁଆ ପଞ୍ଚାୟତ ପଦିନାରାୟଣପୁର ଗ୍ରାମରେ ରଟନ୍ତି କାଳୀପୂଜା ଧୁମ୍‌ଧାମ୍‌ରେ ଚାଲିଛି। ଏହି ପୂଜା ଶନିବାର ଉଦ୍‌ଯାପିତ ହେବ। ପୂଜକ ପୂର୍ଣ୍ଣଚନ୍ଦ୍ର ପାଣି ଓ ଜଗନ୍ନାଥ ପଣ୍ଡାଙ୍କ ଦ୍ୱାରା ଘଟ ସ୍ଥାପନ, ହୋମଯଜ୍ଞ ଆଦି ପୂଜା ଚାଲିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଛି। ପୂଜା କମିଟି ସଭାପତି ରମାକାନ୍ତ ରାଉତ, ସମ୍ପାଦକ ବିଜୟ ରାଉତ, ନୀତିପୂଜକ ଦୋଳଗୋବିନ୍ଦ ଖୁଣ୍ଟିଆ, ସଦସ୍ୟ ଗଦାଧର ରାଉତ, ଅଶୋକ ରାଉତ, ପ୍ରଦୀପ ବେହୁରିଆ, ରାଧାକାନ୍ତ ବେହୁରିଆ, ହିମାଂଶୁ ରାଉତ, ଧନେଶ୍ୱର ଯେନା, କେଦାର ଯେନା, ଉମାକାନ୍ତ ସାହୁ, ସମୀର ଧଳ, ଚନ୍ଦନ ରାଉତ ପ୍ରମୁଖ ପରିଚାଳନା କରୁଛନ୍ତି।

# ସଜେଇ ହେଲାଣି ସରମରା

### ୪ ମଣ୍ଡପରେ ପୂଜା ପାଇବେ ମା' ସରସ୍ୱତୀ

**ଭଦ୍ରକ,୩୧।୧ (ସନାତନ ରାଉତ)**

ସରସ୍ୱତୀ ପୂଜା ପାଇଁ ଭଦ୍ରକ ଜିଲାରେ ପ୍ରସିଦ୍ଧିଲାଭ କରିଥିବା ବନ୍ତ ବ୍ଲକର ସରମରା ଗାଁ ସଜେଇ ହେଲାଣି। ପୂଜାକୁ ଆଉ ଗୋଟିଏ ଦିନ ବାକି ଥିବାବେଳେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସରସ୍ୱତୀ ପୂଜା ପାଇଁ ସାରା ଜିଲାରେ ସ୍ୱତନ୍ତ୍ର ଭାବେ ପରିଚିତ ଏହି ଗାଁ। ୪ ମଣ୍ଡପରେ ପୂଜା ପାଇବେ ମା' ବିଦ୍ୟାଦାତ୍ରୀ।

ଉକ୍ତ ଗ୍ରାମରେ ପୂର୍ବରୁ ଗୋଟିଏ ସ୍ଥାନରେ ମିଳିତ ଭାବେ ପୂଜା ଅନୁଷ୍ଠିତ ହୋଇ ଆସୁଥିବା ବେଳେ ୧୯୮୯ଠାରୁ ୪ଟି ସ୍ଥାନରେ ପୃଥକ୍ ଭାବେ ପୂଜା କରାଯାଉଛି। ଗ୍ରାମର ଉତ୍ତର ଦିଗରେ ୟୁନାଇଟେଡ୍ କ୍ଲବ୍, ଦକ୍ଷିଣରେ ଜୟକିଷାନ କ୍ଲବ୍, ଗାଁ ମଝିରେ ସରସ୍ୱତୀ ୟୁଥ୍ କ୍ଲବ୍ ଓ ଆସମିଶ କ୍ଲବ ପକ୍ଷରୁ ପୂଜା ଅନୁଷ୍ଠିତ ହେବ। ୟୁନାଇଟେଡ୍ କ୍ଲବ୍ ପକ୍ଷରୁ ଛବୀନ୍ଦ୍ର ବିଶ୍ୱାଳ, ରଙ୍ଗାଧର ନାୟକ ଏବଂ ଜୟ କିଷାନ ୟୁଥ୍ କ୍ଲବ୍ ପକ୍ଷରୁ ନିତ୍ୟାନନ୍ଦ ସାମଲ, ଶରତ ବିଶ୍ୱାଳ ପ୍ରମୁଖ ଦାୟିତ୍ୱ ନେଇଛନ୍ତି। ସେହିପରି ଆସମିଶ କ୍ଲବ୍ ପକ୍ଷରୁ ପ୍ରଶାନ୍ତ ଦାସ, ପ୍ରିୟବ୍ରତ ଦାସ ଓ ସରସ୍ୱତୀ ୟୁଥ୍ କ୍ଲବ ପକ୍ଷରୁ ସୁଧାକର ବିଶ୍ୱାଳ, ବିଷ୍ଣୁମୋହନ ବିଶ୍ୱାଳ ପୂଜା ଦାୟିତ୍ୱ ନେଇଛନ୍ତି। ଆସନ୍ତା ରବିବାରଠାରୁ ପୂଜା ଆରମ୍ଭ ହେବାକୁ ଥିବାବେଳେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ସାଙ୍ଗକୁ ପାର୍ଶ୍ୱମୂର୍ତ୍ତି ଓ ସୁଉଚ୍ଚ ତୋରଣ ନିର୍ମାଣ ଚାଲିଛି। ମୂର୍ତ୍ତି ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ବ୍ୟବସାୟୀମାନେ ସେମାନଙ୍କ ପସରା ମେଲିବା ପାଇଁ ସରମରା ଗାଁରେ ପହଞ୍ଚି ସାରିଛନ୍ତି। ୭ ଦିନ ଧରି ଏହି ପୂଜା ଅନୁଷ୍ଠିତ ହେବ। ପ୍ରତି ସନ୍ଧ୍ୟାରେ ମେଲୋଡ଼ି ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସାଧାରଣ ସଭା, ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରହିଛି। ଏହି ପୂଜାର ମଜା ନେବା ପାଇଁ ଭଦ୍ରକ, ବାଲେଶ୍ୱର ଓ କେନ୍ଦୁଝର ଜିଲାରୁ ପ୍ରତ୍ୟେକ ସନ୍ଧ୍ୟାରେ ବହୁ ଦର୍ଶକଙ୍କ ଭିଡ଼ ଜମିଥାଏ। ଗାଁ ଛାଡ଼ି ବାହାରେ ବିଭିନ୍ନ କର୍ମସଂସ୍ଥାନରେ ନିୟୋଜିତ ଥିବା ଯୁବକ ଓ ଛାତ୍ରୀଛାତ୍ର ପୂଜାରେ ଘରକୁ ଫେରିଥାନ୍ତି। ସମସ୍ତଙ୍କ ମଧ୍ୟରେ ବର୍ଷରେ ଥରୁଟିଏ ଭାବର ଆଦାନ ପ୍ରଦାନ ହୋଇଥାଏ। ପୂଜା ସମୟରେ ଗାଁର ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ଶାନ୍ତିଶୃଙ୍ଖଳା ପ୍ରତି ଧ୍ୟାନ ରଖିଥିବା ବେଳେ ଯୁବକମାନଙ୍କ ମଧ୍ୟରେ ଭାଇଚାରାର ସମ୍ପର୍କ ସୃଷ୍ଟି ହୋଇଥାଏ।



ନିର୍ମାଣାଧୀନ ତୋରଣ।

# ମାଟିର ସ୍ପନ୍ଦନ ହେଉଛି ମହୋତ୍ସବ: ମନ୍ତ୍ରୀ



ତିହିଡ଼ି ମହୋତ୍ସବର ୩ୟ ସନ୍ଧ୍ୟାରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ସମ୍ବର୍ଦ୍ଧିତ ଚାଷୀମାନେ।

**ତିହିଡ଼ି,୩୧।୧ (ସଞ୍ଜିତ ବଳ)**

ମାଟିର ସ୍ପନ୍ଦନ ହେଉଛି ମହୋତ୍ସବ। ଏହାକୁ ଅଧିକ ଆକର୍ଷଣୀୟ କରିବାକୁ ଉଦ୍ୟମ ହେବା ଆବଶ୍ୟକ ବୋଲି ତିହିଡ଼ି ମହୋତ୍ସବର ୩ୟ ସନ୍ଧ୍ୟାରେ ମୁଖ୍ୟଅତିଥି ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି। ମହୋତ୍ସବ କମିଟି ସଭାପତି ଶିକ୍ଷାବିତ୍ ସୋମନାଥ ପାଢ଼ୀ ପୌରୋହିତ୍ୟ କରିଥିବା ବେଳେ କଥାକାର ମନୋଜ ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗୁରୁବାର ସନ୍ଧ୍ୟା ୬ଟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ପାଳିଆବିନ୍ଧାସ୍ଥିତ ବିରଞ୍ଚି ନାରାୟଣ କଲେଜ, ଭଦ୍ରକର ମନ୍ଦିରା ଡ୍ୟାନ୍ସ ଏକାଡେମୀ ସମେତ ବଡଳପାଳ ଓ ହରିପୁରର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେ ମଙ୍ଗରାଜପୁର ଓ ସୈନିକ ସ୍କୁଲ ଛାତ୍ରୀଛାତ୍ରଙ୍କ ଦୃଶ୍ୟାଭିନୟ ଦର୍ଶକଙ୍କୁ ବିଭୋର କରିଥିଲା। ସେହିପରି ହାସ୍ୟ ଅଭିନେତା ଗିରିଜା ଶଙ୍କର ସେଠୀ, ସାର୍ଥକ ନାୟକ ଏବଂ ସହଯୋଗୀମାନଙ୍କ ଅଭିନୟ ଦର୍ଶକଙ୍କ ମନ ମୋହିଥିଲା।

ମହୋତ୍ସବରେ ତିହିଡ଼ି ଅଞ୍ଚଳର ସଫଳ ଚାଷୀ ଗଣେଶ ପ୍ରସାଦ ଖାମୁରାଇ, ସତ୍ୟଜିତ ବଳ, ବାଣୀପଦ ସାହୁ ଓ ପ୍ରବୀର ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେହିପରି ୯ଜଣ ଅବସରପ୍ରାପ୍ତ ସେନା ଅଧିକାରୀଙ୍କ ସମେତ ବିଭିନ୍ନ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ସମ୍ପାଦକ ଚନ୍ଦ୍ରକାନ୍ତ ମହାନ୍ତି, ଡ. ଲକ୍ଷ୍ମୀଧର ତ୍ରିପାଠୀ, ବିଶ୍ୱଜିତ ବେହେରା, ଅମୂଲ୍ୟ ସେନାପତି ପ୍ରମୁଖ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ପରେ ସୁମନଙ୍କ ହାସ୍ୟାଭିନୟ ସହ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷାବିତ୍ ଗିରିଜା ରମଣ ଜେନା, ପ୍ରଭାତ କୁମାର ଜେନା, ସାମାଜିକ କର୍ମୀ ଅମର ଜେନା, ଧୀରେନ୍ଦ୍ର ସାହୁ, ମନୋଜ ସେନାପତି, ପ୍ରଶାନ୍ତ ବଳ, ପ୍ରିୟବ୍ରତ ପାଢ଼ୀ, ବିସ୍ମୟ ବିହାରୀ ସାହୁ, ଅଭିଲିପ୍ସା ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### 'ଶାଶ୍ୱତ ସେବକ ସଦାନନ୍ଦ'ର ପାଠକାର୍ପଣ

**ସାବରଙ୍ଗ,୩୧।୧ (କାଳୀପଦ ରାୟ)**

ବାସୁଦେବପୁର ବ୍ଲକର ପଦ୍ମପୁର ଜୟକୃଷ୍ଣ କୃପାସିନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଅପରାହ୍ନ ୨ଟାରେ ବିଦାୟୀ ଶିକ୍ଷକ ସଦାନନ୍ଦ ପାଣିଗ୍ରାହୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଶିକ୍ଷାବିତ୍ ସୁଧାଂଶୁ ମିଶ୍ର, ଆନନ୍ଦ ଚରଣ ଦାସ, ବାବାଜୀ ଚରଣ ସାମଲ, ଆର୍ତ୍ତତ୍ରାଣ ଦାସ, ରମାକାନ୍ତ ନାୟକ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ହୃଷୀକେଶ ପଣ୍ଡା, ସାମାଜିକ କର୍ମୀ ଡ. ନିରୋଦ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ 'ଶାଶ୍ୱତ ସେବକ ସଦାନନ୍ଦ'ର ପାଠକାର୍ପଣ ହୋଇଥିଲା। ବିଭିନ୍ନ ପ୍ରତିଭା ଓ ଶିକ୍ଷାନୁଷ୍ଠାନର କୃତୀ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ଓ ଅଭିନନ୍ଦନିକା କମିଟି ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ପତି ସଭାପତିତ୍ୱ କରିଥିବା ବେଳେ କବି ଓ ସଂଗ୍ରାହକ ବିକାଶ ଚନ୍ଦ୍ର ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ଅମୂଲ୍ୟ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ଝାମ୍ପୀରାଣୀ ରାଉତ ଧନ୍ୟବାଦ ଦେଇଥିଲେ।

# ୨୮ ହଜାର ଜରିମାନା ଆଦାୟ

### ବେପରୁଆ, ବିନା ହେଲ୍‌ମେଟ୍‌ରେ ଗାଡ଼ି ଚାଳନା

**ଭଦ୍ରକ, ୩୧।୧ (ରବିନାରାୟଣ ଖିଲାର)**

ଭଦ୍ରକ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଆଞ୍ଚଳିକ ପରିବହନ ଅଧିକାରୀ ଓ ପୋଲିସ ଶୁକ୍ରବାର ଭଦ୍ରକ ସହରରେ ମିଳିତ ଚଢ଼ାଉ କରି ବିନା ହେଲ୍‌ମେଟରେ ଓ ବେପରୁଆ ଗାଡ଼ି ଚାଳନା ପାଇଁ ୨୮ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ଡାହାଣୀଗଡ଼ିଆ ଛକଠାରେ ୧୯ ବାଇକ୍ ଚାଳକଙ୍କ ସହ ଜଣେ ନାବାଳକ ବାଇକ୍ ଚଲାଇ ଜରିମାନା ଗଣିଛନ୍ତି। ଟିଏସ୍‌ଆଇ ଶର୍ମିଷ୍ଠା ମିଶ୍ର, ଏଟିଏସ୍‌ଆଇ ଏସ୍.ଏସ୍ ନାୟକଙ୍କ ସହ ଟାଉନ ଥାନା ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର କର୍ମଚାରୀ ଚଢ଼ାଉରେ ସାମିଲ ଥିଲେ।

# ଖବରଦାତା ନିର୍ଭୀକ, ନିରପେକ୍ଷ ହେବାକୁ ପରାମର୍ଶ



ଧାମନଗର ପ୍ରେସ୍ କ୍ଲବ୍‌ର ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି।

**ଧାମନଗର/ଦୋବଲ, ୩୧।୧ (ଦେବେନ୍ଦ୍ର ଆନ୍ଦିଆ/ ସନ୍ତୋଷ କୁମାର ମହାପାତ୍ର/ ମଦନ ମୋହନ ଦାସ)**

ଖବରଦାତା ନିର୍ଭୀକ, ନିରପେକ୍ଷ ଓ ନିଷ୍ଠାବାନ ହୋଇ କାର୍ଯ୍ୟ କଲେ ସମାଜର ସାମଗ୍ରିକ ବିକାଶ ହେବ। ଏଥିସହ ସରକାର ମଧ୍ୟ ନିଷ୍ପେସିତଙ୍କ ପାଖରେ ପହଞ୍ଚିବାରେ ସମର୍ଥ ହେବେ। ଏହାସହ ତାଙ୍କର ତ୍ରୁଟିକୁ ସବୁବେଳେ ସାମ୍ନାକୁ ଆଣିବା ଲାଗି ଖବରଦାତାମାନଙ୍କୁ କହିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୁରଜ। ଶୁକ୍ରବାର ଧାମନଗର ପ୍ରେସ୍ କ୍ଲବ୍ ସମ୍ମୁଖ ପଡ଼ିଆରେ ଅନୁଷ୍ଠିତ କ୍ଲବ୍‌ର ବାର୍ଷିକୋତ୍ସବରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନ ଯୋଗଦେଇ ସାମ୍ବାଦିକ ସବୁବେଳେ ଅନ୍ୟର ଭାଷାକୁ ନିଜର କରି ପରଷିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ନାଟ୍ୟକାର ବିଜୟ କୁମାର ଦାସ, ପୂର୍ବତନ ବିଧାୟକ ଲଳିତେନ୍ଦୁ ମହାପାତ୍ର, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଏନ୍‌ଏସି ଚେୟାରମ୍ୟାନ ନିବେଦିତା ଜେନା ଓ ଜିଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ ଯୋଗ ଦେଇଥିଲେ। ପ୍ରେସ୍ କ୍ଲବ୍‌ର ସଭାପତି ବୈକୁଣ୍ଠ ନାଥ ସାହୁ ଏଥିରେ ସଭାପତିତ୍ୱ କରିଥିବା ବେଳେ ସାଧାରଣ ସମ୍ପାଦକ ରଜତ କୁମାର ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କିଷାନ ରାଉତ ଅତିଥି ପରିଚୟ ଓ ସୁଧାକର ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବରିଷ୍ଠ ଖବରଦାତା ଓ ଅଞ୍ଚଳର ବୁଦ୍ଧିଜୀବୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ମୋଗଲ ତାମସାର ବେତାଜ ବାଦ୍‌ଶାହା ବାଦଲ ସିକଦାରଙ୍କ ଟିମ୍ ଏହାକୁ ପରିବେଷଣ କରିଥିଲେ। କୃଷ୍ଣଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ। କ୍ଲବର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୨୩ ବସ୍ତା ମଧ୍ୟାହ୍ନଭୋଜନ ଚାଉଳ ଚୋରି

**ବାସୁଦେବପୁର,୩୧।୧ (ନାରାୟଣ ପ୍ରସାଦ ବାରିକ୍)**

ବାସୁଦେବପୁର ବ୍ଲକ ଅଧୀନ ବାଲିମେଦ ପଞ୍ଚାୟତ ଚାରିବାଟିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଗୁରୁବାର ରାତିରେ ୨୩ ବସ୍ତା ମଧ୍ୟାହ୍ନ ଭୋଜନ ଚାଉଳ ଚୋରି ହୋଇଛି। ଚୋରମାନେ ୩ଟି ଶ୍ରେଣୀଗୃହର ତାଲା କାଟି ୧୧.୫ କୁଇଣ୍ଟାଲ (୨୩ ବସ୍ତା) ଚାଉଳ ଚୋରି କରି ନେଇଛନ୍ତି। ଏ ସମ୍ପର୍କରେ ଶୁକ୍ରବାର ସକାଳେ ଜଣାପଡ଼ିବା ପରେ ପ୍ରଧାନ ଶିକ୍ଷକ ପ୍ରଦୀପ ମଲିକ ନାୟକାଣିଡିହୀ ଥାନାରେ ଲିଖିତ ଭାବେ ଅବଗତ କରିଛନ୍ତି। ସ୍କୁଲରୁ ଛାତ୍ରୀଛାତ୍ରଙ୍କ ପାଇଁ ଥିବା ମଧ୍ୟାହ୍ନ ଭୋଜନ ଚାଉଳ ଚୋରି ହେବା ଘଟଣା ସ୍କୁଲ କର୍ତ୍ତୃପକ୍ଷ ଓ ଅଭିଭାବକଙ୍କ ଚିନ୍ତାର କାରଣ ହୋଇଛି। ଏହି ଚୋରିରେ ସ୍ଥାନୀୟ ଲୋକଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି।

ସୂଚନାଯୋଗ୍ୟ, ଗତ ୨ ମାସ ମଧ୍ୟରେ ୫/୬ଟି ବିଦ୍ୟାଳୟରୁ ଅନୁରୂପ ମଧ୍ୟାହ୍ନ ଭୋଜନ ଚାଉଳ ଚୋରି ହୋଇଥିବା ବେଳେ ଏପର୍ଯ୍ୟନ୍ତ କାହାକୁ ଗିରଫ କରାଯାଇପାରି ନାହିଁ। ପୋଲିସ କେବଳ ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ଚୋରଙ୍କୁ ଧରି ପାରୁ ନ ଥିବା ସହ ଚୋରି ସାମଗ୍ରୀ ମଧ୍ୟ ଉଦ୍ଧାର ହେଉନାହିଁ। ବିଶେଷକରି ନାୟକାଣିଡିହୀ ଓ ବାସୁଦେବପୁର ଥାନା ଅଞ୍ଚଳରେ ଥିବା ସ୍କୁଲଗୁଡ଼ିକରୁ ଏହିପରି ଭାବେ ଚୋରି ବୃଦ୍ଧି ପାଉଥିବାରୁ ପୋଲିସର ଚିନ୍ତାର କାରଣ ହୋଇଛି। ନାୟକାଣିଡିହୀ ପୋଲିସ ବିଦ୍ୟାଳୟରୁ ଚାଉଳ ଚୋରି ଘଟଣାର ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।

# ଗବେଷଣାତ୍ମକ ଚଳଚ୍ଚିତ୍ର 'ଅପରାହ୍ନର ସୂର୍ଯ୍ୟ'ର ଶୁଭାରମ୍ଭ

**ଭଦ୍ରକ,୩୧।୧ (ସନାତନ ରାଉତ)**

୪୦ବର୍ଷ ତଳର ମୁଣ୍ଡପୋତା କେଳାଙ୍କ ଜୀବନୀ ଉପରେ ଆଧାରିତ ଗବେଷଣାତ୍ମକ ଚଳଚ୍ଚିତ୍ର 'ଅପରାହ୍ନର ସୂର୍ଯ୍ୟ' ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଭଦ୍ରକ ରାନ୍ଧିଆ ମାଧବହଲ୍‌ରେ ଶୁଭାରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ସହ ଚଳଚ୍ଚିତ୍ରର ପ୍ରଯୋଜକ ଓ ନିର୍ଦ୍ଦେଶକ ଅଜୟ କୁମାର ମହାନ୍ତି, କଳାକାର କଳିଙ୍ଗ ଦାଶ ପ୍ରମୁଖ ଚଳଚ୍ଚିତ୍ର ଦେଖିଥିଲେ। ମୁଣ୍ଡପୋତା କେଳା ଆନ୍ଧ୍ରପ୍ରଦେଶର ମୂଳ ଅଧିବାସୀ ହୋଇଥିଲେ ମଧ୍ୟ ପୁରୁଷ ପୁରୁଷ ଧରି ଓଡ଼ିଶାର ବ୍ରହ୍ମପୁର ଅଞ୍ଚଳରେ ରହି ଗାଁ ଗାଁ ବୁଲି ମୁଣ୍ଡପୋତା ଖେଳ ଦେଖାନ୍ତି। ଏବେ ଆଉ ସେମାନେ ଓଡ଼ିଶାରେ ଦେଖାଯାଉନାହାନ୍ତି କିମ୍ବା ସେମାନଙ୍କ କଳା କୌଶଳ ଆଉ ଦେଖିବାକୁ ମିଳୁନାହିଁ। ବୁଡ଼ି ଯାଇଥିବା ଲୋକକଳା ଉପରେ ଏହି ଚଳଚ୍ଚିତ୍ର ଆଧାରିତ ହୋଇଛି। କାଳକ୍ରମେ ଲୋପ ପାଇ ଯାଇଥିବା ଏହି ବଂଶଧରଙ୍କ ବିଷୟରେ ଆଗାମୀ ପିଢ଼ି ଅବଗତ ହେବା ପାଇଁ ଏଭଳି ଚଳଚ୍ଚିତ୍ର ନିର୍ମାଣ କରିଥିବା ପ୍ରଯୋଜକ ମହାନ୍ତି କହିଛନ୍ତି।



ଚଳଚ୍ଚିତ୍ର ପ୍ରଦର୍ଶନ ପୂର୍ବରୁ ଜିଲାପାଳ ଦିଲୀପ ରାଉତରାଏ ଓ ଅନ୍ୟମାନେ ପୂଜାର୍ଚ୍ଚନା କରୁଛନ୍ତି।

# 'ନାରୀ ସଶକ୍ତ ହେଲେ ସମାଜର ଉନ୍ନତି ହୋଇପାରିବ'

**ଭଦ୍ରକ,୩୧।୧ (ସନାତନ ରାଉତ)**

ନାରୀମାନେ ଯେତେ ସଶକ୍ତ ହେବେ ସମାଜର ଉନ୍ନତି ସେତେ ଅଧିକ ହୋଇପାରିବ। ସମାଜରେ ପୁରୁଷଙ୍କ ଭଳି ନାରୀମାନଙ୍କର ସମାନ ଅଧିକାର ରହିଛି। ଜଣେ ନାରୀ ଶିକ୍ଷିତ ହେଲେ ଏକ ପରିବାର ଆଗକୁ ବଢ଼ିପାରିବ ବୋଲି ବନ୍ତ ବ୍ଲକର ଓଡ଼ଙ୍ଗଠାରେ ଚାଲିଥିବା ଅର୍ଜୁନ ପଲ୍ଲିଶ୍ରୀ ମେଳାର ତୃତୀୟ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ତୃତୀୟ ସନ୍ଧ୍ୟାର ମଞ୍ଚ ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କ ନାମରେ ନାମିତ ହୋଇଥିବା ବେଳେ ସମାଜସେବାରେ ନାରୀମାନଙ୍କ ଭୂମିକା ପ୍ରସଙ୍ଗ ରହିଥିଲା। ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀପ୍ରିୟା ଦାସଙ୍କ ସଭାପତିତ୍ୱରେ ଗୁରୁବାର ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ସୁଜାତା ଜେନା, ମୁଖ୍ୟବକ୍ତା ମଞ୍ଜୁଶ୍ରୀ ଜେନା ଏବଂ ଅନ୍ୟତମ ଅତିଥି ଭାବେ କବୟିତ୍ରୀ ସଂଯୁକ୍ତା ବଳ, ସୁଶ୍ରୀ ସଙ୍ଗୀତା ସାହୁ, ଦମୟନ୍ତୀ ରାଉତ, କଣ୍ଠଶିଳ୍ପୀ ଶଶୀକଳା ମିଶ୍ର ପ୍ରମୁଖ ଯୋଗଦେଇ ସୁସ୍ଥ ସମାଜ ଗଠନରେ ନାରୀମାନଙ୍କ ଭୂମିକା ବିଷୟରେ ବକ୍ତବ୍ୟ ରଖିଥିଲେ।

ଏହି ଅବସରରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡା. ସଙ୍ଗୀତା ବଳଙ୍କ ସମେତ ଭଦ୍ରକ ମୁଖ୍ୟ ଚିକିତ୍ସାଳୟର ସେବିକାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଇଂ. ରବୀନ୍ଦ୍ର ଜେନା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ବିଶ୍ୱାସ ଫାଉଣ୍ଡେଶନର ସମ୍ପାଦକ ସୁକାନ୍ତ ବେହେରା ଧନ୍ୟବାଦ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପଲ୍ଲିଶ୍ରୀ ମେଳା କମିଟିର ସଦସ୍ୟ ଓ ବିଶ୍ୱାସ ଫାଉଣ୍ଡେଶନର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଅର୍ଜୁନ ପଲ୍ଲିଶ୍ରୀ ମେଳାର ୩ୟ ସନ୍ଧ୍ୟାରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

# ଧାନକିଣା କଥା ବୁଝିଲେ, ମାନ ଦେଖିଲେ

### ମଣ୍ଡି ପରିଦର୍ଶନ କଲେ ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି

**ବନ୍ତ,୩୧।୧ (ହରିନାରାୟଣ ମହାନ୍ତି)**

ଭାଜପା କୃଷକମୋର୍ଚ୍ଚାର ରାଜ୍ୟ ସଭାପତି ମହେଶ୍ୱର ସାହୁ ଶୁକ୍ରବାର ପୂର୍ବାହ୍ନ ୧୧ଟା ବେଳେ ବନ୍ତ ବ୍ଲକର ପଧାନପଡ଼ା, ସେଣ୍ଡତୀରା, କେନ୍ଦୁଆପଦା, ତୋଡଗାଁ ଆଦି ସ୍ଥାନରେ ଧାନ ମଣ୍ଡିଗୁଡ଼ିକୁ ପରିଦର୍ଶନ କରିଛନ୍ତି। ସେ ପଧାନପଡ଼ା ସେବା ସମବାୟ ସମିତି ମଣ୍ଡିରେ ପହଞ୍ଚି ଚାଷୀମାନଙ୍କୁ ଧାନବିକ୍ରି ସମ୍ପର୍କରେ ବିଭିନ୍ନ କଥା ପଚାରି ବୁଝିଥିଲେ। ଧାନର ମାନ ନିଜେ ଦେଖିବା ସହ ଏଠାରେ କେତେଜଣ ଚାଷୀ ପଞ୍ଜୀକରଣ କରିଛନ୍ତି, ଏଠାକୁ କେତେ ଟାର୍ଗେଟ ଆସିଛି, ଆଜି ସୁଦ୍ଧା କେତେ ଧାନ କିଣାଯାଇଛି, ଦୈନିକ କେତେ ଧାନ କିଣାଯାଉଛି ଓ କେଉଁ ମିଲର ଏଠାରେ ଦିଆଯାଇଛି ଆଦି ବୁଝିଥିଲେ। ସେହିପରି ଏଠାରେ ଚାଷୀଙ୍କ ବସିବା ପାଇଁ ବ୍ୟବସ୍ଥା ରହିଛି କି ନାହିଁ, ସମ୍ପୃକ୍ତ ସମିତିର ସମ୍ପାଦକଙ୍କୁ ପଚାରିଥିଲେ। ସନ୍ତୋଷଜନକ ଉତ୍ତର ନ ପାଇବାରୁ ଚାଷୀଙ୍କ ବସିବା ଲାଗି ତୁରନ୍ତ ଟେଣ୍ଟ ତିଆରି କରି ଚେୟାର ବ୍ୟବସ୍ଥା କରିବାକୁ ସେ ପରାମର୍ଶ ଦେଇଥିଲେ।



ପଧାନପଡ଼ା ସମିତି ମଣ୍ଡି ପରିଦର୍ଶନ ବେଳେ ଭାଜପା କୃଷକମୋର୍ଚ୍ଚାର ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ସହ ଅନ୍ୟମାନେ।

ଏଥିସହ ଏଠାରେ ପିଇବା ପାଣିର ବ୍ୟବସ୍ଥା ରହିଛି କି ନାହିଁ, ଫିଲ୍‌ଟର ପାଣି ଦିଆଯାଉଛି କି ନାହିଁ, ଶୌଚାଳୟ ଅଛି କି ନାହିଁ, ଶୌଚାଳୟ ସଫାସୁତରା ରହୁଛି କି ନାହିଁ ସେ ସମ୍ପର୍କରେ ପଚାରି ବୁଝିଥିଲେ। ଉତ୍ତରରେ ସମିତିର ସମ୍ପାଦକ ନାରାୟଣ ଚନ୍ଦ୍ର ସାହୁ କହିଥିଲେ, ଏହି ସମିତିରେ ମୋଟ ୧୧୬୮ ଚାଷୀ ପଞ୍ଜୀକରଣ କରିଛନ୍ତି। ଧାନ କିଣିବା ପାଇଁ ୨୨ ହଜାର ଟାର୍ଗେଟ ଆସିଥିବା ବେଳେ ସେଥିରୁ ୨୬୪ଜଣ ଚାଷୀଙ୍କଠାରୁ ୧୩ ହଜାର କୁଇଣ୍ଟାଲ ଧାନ କିଣାଯାଇଛି। ୨୨୫ ଚାଷୀଙ୍କ ଖାତାକୁ ଟଙ୍କା ଯାଇଛି। ଦୈନିକ ୮ ଶହରୁ ୧୫ ଶହ କୁଇଣ୍ଟାଲ ଧାନ କିଣାଯାଉଛି। ଧାନ କିଣିବା ମିଲର ଉପରେ ନିର୍ଭର କରୁଛି। ମିଲର ଦିନେ ଗାଡ଼ି ଦେଲେ ୨ ଦିନ ଗାଡ଼ି ଦେଉନାହାନ୍ତି ବୋଲି ସମିତିର ସମ୍ପାଦକ କହିଥିଲେ।

ଶେଷରେ କୃଷକମୋର୍ଚ୍ଚା ରାଜ୍ୟ ସଭାପତି ସବୁ ଠିକ୍‌ଠାକ୍ ଚାଲିଛି କି ନାହିଁ ବୋଲି ଚାଷୀମାନଙ୍କୁ ପଚାରିଥିଲେ। ଏହି ପରିଦର୍ଶନ ବେଳେ ଭାଜପା ନେତା ସୁଧାଂଶୁ ଶେଖର ନାୟକ, ଜିଲା ଧାନକ୍ରୟ କମିଟି ସଦସ୍ୟ ଶଙ୍କର୍ଷଣ ଜେନା, ରାଜ୍ୟ ସମବାୟ ସମିତି କର୍ମଚାରୀ ମହାମଞ୍ଚର କାର୍ଯ୍ୟକାରୀ ସଭାପତି ଶରତ କୁମାର ସେଠୀ, ସମିତିସଭ୍ୟ ଉଦ୍ଧବ ଚରଣ ସେଠୀ, ଚାଷୀ ଆଲୋକ ବାରିକ, ଗୋପୀନାଥ ପଣ୍ଡା, ଅନିରୁଦ୍ଧ ଦାଶ, ସୂର୍ଯ୍ୟ ନାରାୟଣ ପଣ୍ଡା, ବିଷ୍ଣୁମୋହନ ଦାଶ, ଅଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ମୋବାଇଲରେ କଥା ହେଉଥିବା ବେଳେ ଟଳିପଡ଼ିଲେ ମହିଳା

ପାଟଣା,୩୧।୧(ବୀର କିଶୋରଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ସିଲିପଦା ପଞ୍ଚାୟତ ଦଳେଇପସି ଗ୍ରାମରେ ଶୁକ୍ରବାର ସକାଳ ୯ଟାରେ ଜେଣ ମହିଳା ମୋବାଇଲରେ କଥା ହେଉଥିବା ସମୟରେ ଟଳି ପଡ଼ିଛନ୍ତି। ମୃତକ ହେଉଛନ୍ତି ବଳଭଦ୍ର ମହାନ୍ତଙ୍କ ସ୍ତ୍ରୀ ସାରଥୀ। ସେ ସକାଳେ ଘର ନିକଟରେ ମୋବାଇଲରେ କଥା ହେଉଥିଲେ। ହଠାତ ପଡ଼ିଯିବାରୁ ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତର ଜାଜ୍ଞସେନୀ ମହାନ୍ତଙ୍କ ସୂଚନା ଅନୁଯାୟୀ, ସେ ଉଚ୍ଚ ରକ୍ତଚାପ ରୋଗରେ ପୀଡ଼ିତ ଥିଲେ। ତାଙ୍କର ହୃଦ୍‌ଘାତରେ ଦେହାନ୍ତ ଘଟିଛି।

# ଆବାସ, ଅଙ୍ଗନୱାଡ଼ି ସମସ୍ୟାନେଇ ଆଲୋଚନା

## ଯୋଡ଼ା ବ୍ଲକ୍‌ରେ ନବମ ପଞ୍ଚାୟତ ସମିତି ବୈଠକ

ଯୋଡ଼ା,୩୧।୧(ମାନସ ମହାନ୍ତି)



ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧିମାନେ।

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ସଭାଗୃହରେ ଶୁକ୍ରବାର ପୂର୍ବାହ୍ନ ୧୧ ଘଟିକାରେ ନବମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। କିପରି ପଞ୍ଚାୟତଗୁଡ଼ିକ ଆଇଏସଓ ସାର୍ଟିଫିକେଟ୍ ପାଇ ପାରିବେ ଓ ଏ ନେଇ ରହିଥିବା ସର୍ତ୍ତଗୁଡ଼ିକ ପୂରଣ କରିବା ପାଇଁ ସୂଚନା ଦିଆଯାଇଥିଲା। ଏଥିସହ ବ୍ଲକ୍ ଆବାସ ଓ ଶିକ୍ଷା କ୍ଷେତ୍ରରେ ଥିବା ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା ହୋଇଥିଲା। ବ୍ଲକ୍ ଅଧ୍ୟକ୍ଷ କବିନ୍ଦ୍ର ନାଏକ, ଉପାଧ୍ୟକ୍ଷା ମାଳତୀ ଖଟୁଆ, ବଡ଼ବିଲ ଅତିରିକ୍ତ ତହସିଲଦାର ବିଶ୍ୱଜିତ ଦଳେଇ, ଯୋଡ଼ା ବିଡିଓ ଅରୁଣିମା ସାହୁ, ଚମ୍ପୁଆ ବିଧାୟକଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ନାଏକ, ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଅଭିଜିତ ଦୀକ୍ଷିତ, ଯୋଡ଼ା ବ୍ଲକ୍ ନିର୍ବାହୀ ଯନ୍ତ୍ରୀ ଅଜୟ ସାହୁ, କେନ୍ଦୁଝର ଏମ୍‌ପିଙ୍କ ପ୍ରତିନିଧି ଅଗନୁ ମହାନ୍ତ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଜିଲାପରିଷଦ ସଦସ୍ୟମାନେ ଉପସ୍ଥିତ ଥିଲେ। ଯୋଡ଼ା ବିଡିଓ ସାହୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀମାନେ କିପରି ଘର ପାଇ ପାରିବେ, ଏହା ଉପରେ ବିସ୍ତୃତ ସୂଚନା ଦେବା ସହିତ ଅଧପନ୍ତରିଆ ଆବାସଗୃହ କିପରି ସମ୍ପୂର୍ଣ୍ଣ ହେବ, ଏ ଦିଗରେ ଧ୍ୟାନ ଦେବା ପାଇଁ କହିଥିଲେ। ହାୟରପୁର୍ ଓ ଉଳିବୁରୁ ଅଙ୍ଗନୱାଡ଼ି କେନ୍ଦ୍ରରେ ଶିଶୁଙ୍କୁ ନିୟମିତ ଅଣ୍ଡା ଦିଆଯାଉ ନ ଥିବା ଅଭିଯୋଗ ହୋଇଥିଲା। ଜିଲା ପରିଷଦ ସଭ୍ୟା ସୁକୁମାରୀ ଦେହୁରୀ ଡିଏମ୍‌ଏଫ୍ ଅର୍ଥରେ ନିର୍ମାଣ ହେଉଥିବା ପଳଶା ପଞ୍ଚାୟତରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ଠିକାଦାରଙ୍କୁ ବିଲ ମିଳୁ ନ ଥିବାରୁ ତାହା ସମ୍ପୂର୍ଣ୍ଣ ହୋଇ ପାରୁ ନ ଥିବା କହିଥିଲେ। ସେହିପରି ଜଗନ୍ନାଥପୁର ଗ୍ରାମରେ ।ଥମିକ ବିଦ୍ୟାଳୟରେ ଶ୍ରେଣୀ ଗୃହ ନ ଥିବାରୁ ବାରଣ୍ଡାରେ ଛାତ୍ରୀଛାତ୍ର ପାଠ ପଢୁଥିବା ଅଭିଯୋଗ ହୋଇଥିଲା। ଖଣି ଅଞ୍ଚଳରେ ଭୂମିହୀନଙ୍କୁ ଜମି ପଟ୍ଟା ମିଳୁ ନ ଥିବାରୁ ଜାତି ସାର୍ଟିଫିକେଟ ମିଳୁ ନ ଥିବା ପଞ୍ଚାୟତ ପ୍ରତିନିଧି ଜଣାଇଥିଲେ। ଦେଓଝର ମସୁରି ବେଡ଼ା ସାହିରେ ଅଙ୍ଗନୱାଡ଼ି ଗୃହ ନିର୍ମାଣ ଓ ମୁର୍ଗାବେଡ଼ା କେନ୍ଦ୍ରରେ ଅଙ୍ଗନୱାଡ଼ି କର୍ମୀ ଅନୁପସ୍ଥିତ ନେଇ ଅଭିଯୋଗ ହୋଇଥିଲା। ସୁଭଦ୍ରା ଯୋଜନାରେ ଯୋଡ଼ାରେ ୧୬ ହଜାର ଆବେଦନ କାରୀଙ୍କ ଦରଖାସ୍ତ ସମ୍ପୂର୍ଣ୍ଣ ହୋଇଥିବା ସମନ୍ୱିତ ଶିଶୁ ବିକାଶ ଯୋଜନା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଥିଲା।

# ମାଣ୍ଡିଆ ମଣ୍ଡି ଉଦ୍‌ଘାଟନ କଲେ ବିଧାୟକ

ଚମ୍ପୁଆ,୩୧।୧(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ କାଳିକାପ୍ରଶାଦ ପଞ୍ଚାୟତର ହୁଞ୍ଜପଶିଠାରେ ଆର୍ଥିକ ବର୍ଷ ୨୦୨୪/୨୫ ଖରିଫ ଋତୁ ନିମନ୍ତେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ମାଣ୍ଡିଆ ମଣ୍ଡି ଉଦ୍‌ଘାଟନ କରିଛନ୍ତି। ଚମ୍ପୁଆ କୃଷକ ଉତ୍ପାଦକ ସଂଗଠନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଚମ୍ପୁଆ ଉପ ଜିଲାପାଳ ଉମାକାନ୍ତ ପରିଡ଼ା, ମୁଖ୍ୟ ଜିଲା କୃଷି ଅଧିକାରୀ ପର୍ଶୁରାମ ବେହେରା, ଏଡ଼ିଓ ସତ୍ୟବାନ ସୋରେନ, ପ୍ରୋଗ୍ରାମ ମ୍ୟାନେଜର ଅଭିଷେକ ପଣ୍ଡା, ପ୍ରୋଗ୍ରାମ ଅଫିସର ସୁମନସ୍ମିତା ତରାଇ, ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରଦୀପ ମେହେର, ବ୍ଲକ୍ କୋଡିନେଟର ଦେବିଲାଲ ଭୂୟାଁ, ଏଏଓ ହରିଓମ୍ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ଖଣିଜ ପାଣ୍ଠି ଓ ଶ୍ରୀଷ୍ଟି ସହାୟତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗ ଦେଇଥିବା ବେଳେ ୨୩ ଜଣ ଚାଷୀଙ୍କଠାରୁ ୧୦୫ କୁଇଣ୍ଟାଲ ମାଣ୍ଡିଆ କିଣାଯାଇଥିଲା। କୁଇଣ୍ଟାଲ ପ୍ରତି ୪୫ ସହ ଟଙ୍କା ଦରରେ ଏହା ଚାଷୀଙ୍କଠାରୁ କିଣାଯାଉଥିବା ଜଣାଯାଇଛି। ବିଶେଷ ଭାବରେ ଏହି ହୁଞ୍ଜପଶି ମଣ୍ଡିରେ କାଳିକାପ୍ରସାଦ, ରଜିଆ ଓ କୋଦଗାଡ଼ିଆ ପଞ୍ଚାୟତର ଚାଷୀ ନିଜ ଉତ୍ପାଦକୁ ବିକ୍ରି କରିପାରିବେ।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା


ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଓ ଅତିଥିମାନେ।

ଢେଙ୍କିକୋଟ,୩୧।୧(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ପଞ୍ଚାୟତ କପାସପଡ଼ା ଗ୍ରାମରେ ଥିବା ମା’ ତାରିଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଦ୍ୟାଧର ମହାନ୍ତଙ୍କୁ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ବିଦ୍ୟାଳୟ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପରିଚାଳନା କମିଟିର ସଭାପତି ସୁଦାମ ଚରଣ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଘଟଗାଁ ବ୍ଲକ୍‌ର ଅତିରିକ୍ତ ଶିକ୍ଷା ଅଧିକାରୀ ସଞ୍ଜୟ ପଲେଇ, ମୁଖ୍ୟ ବକ୍ତାଭାବେ ସାହାରପଡ଼ା ବ୍ଲକ୍‌ରେ ଅବସରପ୍ରାପ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଉତ୍ତମ ନାୟକ, ସମ୍ମାନୀୟ ଅତିଥିଭାବେ ଢେଙ୍କିକୋଟ ସରପଞ୍ଚ ଖଇର ନାଏକ, ଢେଙ୍କାନାଳର ଅତିରିକ୍ତ ଶିକ୍ଷା ଅଧିକାରୀ ବିଭୀଷଣ ରାଉତ, ଢେଙ୍କିକୋଟ କ୍ଲଷ୍ଟରର ସିଆରସିସି ସଚ୍ଚିଦାନନ୍ଦ ପ୍ରଧାନ, ଅମରବର ପାତ୍ର ଯୋଗ ଦେଇଥିଲେ। କାସିବେଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଦାଶିବ ବେହେରା ସଭା ପରିଚାଳନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକଙ୍କ ଅବସରକାଳୀନ ବାକି ଜୀବନ ସୁଖ ଶାନ୍ତି ଓ ନିରାମୟରେ କଟୁ ବୋଲି ଅତିଥିମାନେ ପ୍ରାର୍ଥନା କରିଥିଲେ। ପ୍ରଧାନଶିକ୍ଷକ ବିଦ୍ୟାଧର ମହାନ୍ତ ଓ ତାଙ୍କ ଧର୍ମପତ୍ନୀଙ୍କୁ ବିଦ୍ୟାଳୟ ତରଫରୁ ସମ୍ମାନିତ କରିଛନ୍ତି। ସେହିପରି ଢେଙ୍କିକୋଟ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସବିତା ବାରିକଙ୍କୁ ମଧ୍ୟ ବିଦ୍ୟାଳୟ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।। କପାସପଡ଼ା ବିଦ୍ୟାଳୟରେ ଘଟଗାଁ ବ୍ଲକ ଶିକ୍ଷାଧିକାରୀ ତପଧନ ସ୍ୱାଇଁ ଓ ଅତିରିକ୍ତ ଶିକ୍ଷାଧିକାରୀ ବେଣୁଧର ଆଚାର୍ଯ୍ୟ ଉପସ୍ଥିତ ରହି ରହିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ

## ସମବାୟ ସମିତିରୁ ୮୨ ଲକ୍ଷ ହେରଫେର ଘଟଣା

ହାଟଡ଼ିହୀ,୩୧।୧(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ମରୈଗାଁ ସେବା ସମବାୟ ସମିତିର ୮୨ ଲକ୍ଷ ୪୨ ହଜାର ୬୭୨ ଟଙ୍କା ଅନୁଦାନ ଅର୍ଥକୁ ସମ୍ପାଦକ ଶରତ ସେଠୀ ହେରଫେର କରିଥିବା ଅଡିଟ ରିପୋର୍ଟରେ ଜଣାପଡ଼ିଥିଲା। ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ରାଜ୍ୟ ସମବାୟ ବିଭାଗ ଏବଂ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟ ତରଫରୁ କେନ୍ଦୁଝର ଜିଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ ହୋଇଛି। ପ୍ରକାଶ ଯେ, ସମବାୟ ସମିତିର ହେରଫେର ଟଙ୍କା ରିକଭରି ପାଇଁ ନୋଟିସ୍ ହୋଇଥିଲା। ସମବାୟ ସମିତିର ଅନୁଦାନ ହେରଫେର କରିଥିବାରୁ ସମ୍ପାଦକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ କେନ୍ଦୁଝର ଡିଆରସିଏସ ୭ ଡିସେମ୍ବର ୨୦୨୪ରେ ସମ୍ପୃକ୍ତ ସେବା ସମବାୟ ସମିତିର ସଭାପତି ଏବଂ ଆନନ୍ଦପୁର ଏଆରସିଏସଙ୍କୁ ନିର୍ଦ୍ଦେଶ କରିଥିଲେ। କୌଣସି କାର୍ଯ୍ୟାନୁଷ୍ଠାନ କରାଯାଇ ନ ଥିବାରୁ କେନ୍ଦୁଝର ଡିଆରସିଏସ ସମବାୟ ସମିତିର କମିଟି ମ୍ୟାନେଜମେଣ୍ଟକୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ଉକ୍ତ ଘଟଣାକୁ ନେଇ ଗୁରୁବାର ମୁଖ୍ୟମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଉକ୍ତ ଘଟଣାରେ ଜିଲା ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ବିଳମ୍ବିତ କରୁଥିବା ଏବଂ ଉଚିତ କାର୍ଯ୍ୟାନୁଷ୍ଠାନ(ଉଭୟ ବିଭାଗୀୟ ଏବଂ କ୍ରିମିନାଲ) ଗ୍ରହଣ କରାଯାଉ ନ ଥିବା ଉଲ୍ଲେଖ ରହିଛି। ଏଥିସହ ଚଳିତ ବର୍ଷ ସମିତି ସମ୍ପାଦକ ସେଠୀଙ୍କୁ ଚାଷୀଙ୍କଠାରୁ ଧାନକିଣା କାର୍ଯ୍ୟରୁ ଅନ୍ତର କରାଯାଉ ବୋଲି ଅଭିଯୋଗରେ ଦର୍ଶାଯାଇଛି।

# ‘ଟ୍ରାଫିକ୍ ନିୟମ ଅନୁପାଳନ ଦ୍ୱାରା ଦୁର୍ଘଟଣା ହ୍ରାସ ହେବ’

## ସଡ଼କ ସୁରକ୍ଷା ମାସ ଅଭିଯାନ ଉଦ୍‌ଯାପିତ

କେନ୍ଦୁଝର,୩୧।୧(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)



କୃତୀ ପ୍ରତିଯୋଗୀଙ୍କୁ ଏସ୍‌ପି ନୀତିନ କୁଶଲକର ପୁରସ୍କୃତ କରୁଛନ୍ତି।

କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରାଳୟ ଏବଂ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଜାନୁଆରୀ ମାସ ବ୍ୟାପୀ ପାଳିତ ହେଉଥିବା ଜାତୀୟ ସଡ଼କ ସୁରକ୍ଷା ମାସ ଅଭିଯାନ ଶୁକ୍ରବାର ପୂର୍ବାହ୍ନ ୧୨ଟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ କେନ୍ଦୁଝରସ୍ଥିତ ଅଡିଟୋରିୟମଠାରେ ଜିଲାସ୍ତରୀୟ ସମାପନ ଉତ୍ସବର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ଜିଲା ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଳିକ, କେନ୍ଦୁଝର ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ କୁମାର ନାଗଭୂଷଣ ଓ ଆଞ୍ଚଳିକ ପରିବହନ ଅଧିକାରୀ ଗୋପାଳକୃଷ୍ଣ ଦାସ ଉପସ୍ଥିତ ରହି ସଚେତନତା ମାଧ୍ୟମରେ ଟ୍ରାଫିକ ନିୟମର ଉପଯୁକ୍ତ ଅନୁପାଳନ ଦ୍ୱାରା ହିଁ ସଡ଼କ ଦୁର୍ଘଟଣାକୁ ହ୍ରାସ କରାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ପୂର୍ବବର୍ଷ ତୁଳନାରେ ଜିଲାରେ ଦୁର୍ଘଟଣାଜନିତ ମୃତାହତ ସଂଖ୍ୟା ହ୍ରାସ ପାଇଥିବାରୁ ଅତିଥିମାନେ ଖୁସି ବ୍ୟକ୍ତ କରିଥିଲେ। ଏହି ଅବସରରେ ସଚେତନଧର୍ମୀ କଣ୍ଢେଇ ନୃତ୍ୟ, ଗୀତିନାଟ୍ୟ, ନାଟକ ଏବଂ ନୃତ୍ୟ ପରିବେଷିତ ହେବା ସହିତ ଟ୍ରାଫିକ ପୋଲିସ କର୍ମଚାରୀ, ସ୍ୱେଚ୍ଛାସେବୀ, ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୂଚନାଯୋଗ୍ୟ, ଏକ ମାସ ଧରି ଜିଲାବ୍ୟାପୀ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା।

## ମୟୂରଭଞ୍ଜ

### ସଂକ୍ଷେପରେ

# ବିଦ୍ୟାଳୟରୁ ଚୋରି

ମୋରଡ଼ା,୩୧।୧(ସ୍ମାରକ ମାଜୀ): ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ହଳଦୀପାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଏନେଇ ଶୁକ୍ରବାର ଥାନାରେ ଅଭିଯୋଗ କରାଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଶାନ୍ତିଲତା ଦଳେଇ ପୂର୍ବାହ୍ନ ୧୦ଟାରେ ବିଦ୍ୟାଳୟରେ ପହଞ୍ଚିବା ପରେ ଅଫିସ ଗୃହର ତାଲା ଭାଙ୍ଗି କବାଟ ଖୋଲାଥିବା ଦେଖିଥିଲେ। ଅଫିସ ଗୃହରେ ଥିବା ୫ ଗଡ୍‌ରେଜକୁ ଭାଙ୍ଗି ସେଥିରୁ ଦୁଇଟି ଟାବ୍‌ଲେଟ, ସାଉଣ୍ଡ ବକ୍ସ, ମଟର ପମ୍ପ ସହ ୯ଶହ ଟଙ୍କା ଚୋରି ହୋଇଥିବା ନେଇ ପ୍ରଧାନଶିକ୍ଷୟିତ୍ରୀ ମୋରଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନା ଅଧିକାରୀ ସତ୍ୟନାରାୟଣ ବଳ ଡଗ୍‌ସ୍କ୍ୱାଡ୍ ଓ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପ୍ରକାଶଥାଉ କି, ପୂର୍ବରୁ ମଧ୍ୟ ଦୁର୍ବୃତ୍ତମାନେ ଉକ୍ତ ବିଦ୍ୟାଳୟରୁ ଚୋରି ଉଦ୍ୟମ କରିଥିଲେ।

# ଉପଖଣ୍ଡସ୍ତରୀୟ ଶହୀଦ ଦିବସ

ରାଇରଙ୍ଗପୁର,୩୧।୧(ମାନସ ମହାନ୍ତି): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପଖଣ୍ଡ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ବୈଠକ ଗୃହରେ ଗୁରୁବାର ମଧ୍ୟାହ୍ନ ୧୨ଟାରେ ଶହୀଦ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଉପଖଣ୍ଡ ସହକାରୀ ଜିଲାପାଳ ସୁଧାକର ସେଠୀଙ୍କ ଅଧ୍ୟକ୍ଷତାରେ ଦେଶର ସ୍ୱାଧୀନତା ତଥା ଜାତୀର ପିତା ମହାତ୍ମା ଗାନ୍ଧୀଙ୍କ ସମେତ ମହାପୁରୁଷ, ଶହିଦ ଯବାନ ଏବଂ ଯୋଦ୍ଧାଙ୍କ ଆତ୍ମାର ସଦଗତି କାମନା କରି ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ଉପ ଜିଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ପଦାଧିକାରୀ ଅଫିସର ଏବଂ କର୍ମଚାରୀ ଯୋଗଦେଇଥିଲେ। ଏହାବ୍ୟତୀତ ରାଇରଙ୍ଗପୁର ଉପଖଣ୍ଡର ବିଭିନ୍ନ ବ୍ଲକ୍, ତହସିଲ କାର୍ଯ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନ ପକ୍ଷରୁ ଶହୀଦ ଦିବସ ପାଳିତ ହୋଇଯାଇଛି।

# ଆର୍‌ବିଆଇ ପକ୍ଷରୁ ‘ଟ୍ରେନ୍-ଦ-ଟ୍ରେନର’ କାର୍ଯ୍ୟକ୍ରମ

ବାରିପଦା, ୩୧।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ବୈଠକରେ ଉପସ୍ଥିତ ଅତିଥିମାନେ।

ବିଦ୍ୟାଳୟ ସ୍ତରରେ ଛାତ୍ରୀଛାତ୍ରମାନଙ୍କ ପାଖରେ ଆର୍ଥିକ ସାକ୍ଷରତା ଏବଂ ସଚେତନତାର ବାର୍ତ୍ତା ପହଞ୍ଚାଇବା ଉଦ୍ଦେଶ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ), ଭୁବନେଶ୍ୱର ପକ୍ଷରୁ ଶୁକ୍ରବାର ବାରିପଦାସ୍ଥିତ ଏମକେସି ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ ‘ଟ୍ରେନ-ଦ-ଟ୍ରେନର’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୭୬ଜଣ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଯେଉଁଥିରେ ବାରିପଦା ବ୍ଲକର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରୁ ଜଣେ ଲେଖାଏଁ ଶିକ୍ଷକ ତଥା ମୟୂରଭଞ୍ଜ ଜିଲାର ଅବଶିଷ୍ଟ ୨୫ଟି ବ୍ଲକରୁ ୨ ଜଣ ଲେଖାଏଁ ଶିକ୍ଷକ ଥିଲେ। ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଭାରତୀୟ ରିଜର୍ଭ ବ୍ୟାଙ୍କର ପ୍ରବନ୍ଧକ ବିନୋଦ କୁମାର ଦାସ ଆର୍ଥିକ ସାକ୍ଷରତା, ଶିକ୍ଷାଋଣ ପାଇଁ ବିଦ୍ୟା ଲକ୍ଷ୍ମୀ ପୋର୍ଟାଲ, ଡିଜିଟାଲ ବ୍ୟାଙ୍କିଂ, ବିଭିନ୍ନ ପ୍ରକାର ଠକେଇ, ସାଇବର ସୁରକ୍ଷା, ବ୍ୟାଙ୍କରେ ଅଭିଯୋଗ ସମାଧାନ ବ୍ୟବସ୍ଥା, ଆରବିଆଇର ଇଣ୍ଟିଗ୍ରେଟେଡ଼ ଅମ୍ବୁଡ୍ସମ୍ୟାନ ଯୋଜନା ଆଦି ସମ୍ବନ୍ଧରେ ବିଭିନ୍ନ ଅଧିବେଶନ ନେଇଥିଲେ। ଅଧିବେଶନଗୁଡ଼ିକ ଇଣ୍ଟରାକ୍ଟିଭ ଥିଲା ଏବଂ ଶିକ୍ଷକମାନଙ୍କ ପ୍ରଶ୍ନର ଉତ୍ତର ଦିଆଯାଇଥିଲା । ଟ୍ରେନିଂରୁ ପ୍ରାପ୍ତ ଆର୍ଥିକ ସଚେତନତା ବାର୍ତ୍ତାଗୁଡ଼ିକୁ ବିଦ୍ୟାଳୟର ଅନ୍ୟ ଶିକ୍ଷକ ତଥା ଛାତ୍ରୀଛାତ୍ରଙ୍କ ମଧ୍ୟରେ ପହଞ୍ଚାଇବା ପାଇଁ ଶିକ୍ଷକମାନଙ୍କୁ ଅନୁରୋଧ କରାଯାଇଥିଲା। ଅଂଶଗ୍ରହଣକାରୀମାନେ ଆରବିଆଇର ଏହି ପଦକ୍ଷେପକୁ ଉଚ୍ଚପ୍ରଶଂସା କରିବା ସହ ଭବିଷ୍ୟତରେ ଏଭଳି ଆହୁରି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ଅଗ୍ରଣୀ ଜିଲା ପ୍ରବନ୍ଧକ ସୂର୍ଯ୍ୟନାରାୟଣ ମହାନ୍ତି, ଏଫଏଲସି ସତ୍ୟରଞ୍ଜନ ଦାସ ଏବଂ ସିଏଫଏଲ ସଂଯୋଜକମାନେ ମଧ୍ୟ ଉପସ୍ଥିତ ଥିଲେ। ଏମକେସି ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ବାସନ୍ତୀ ଟୁଡୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁରୁଷୋତ୍ତମ ହୋମିଓପ୍ୟାଥି କଲେଜରେ ରାଜ୍ୟସ୍ତରୀୟ ସେମିନାର



ଉପସ୍ଥିତ ଅତିଥିମାନେ।

ଝାରପୋଖରୀଆ,୩୧।୧(ସୁଧିର କୁମାର ମହାନ୍ତ)

ମୟୂରଭଞ୍ଜ ଜିଲାର ଝାରପୋଖରୀଆସ୍ଥିତ ପୁରୁଷୋତ୍ତମ ଇଲେକ୍ଟ୍ରୋ ହୋମିଓପ୍ୟାଥି କଲେଜର ୩୬ତମ ବାର୍ଷିକ ଉତ୍ସବ ଗୁରୁବାର କଲେଜ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ଡାକ୍ତର ଅସୋସିଏଶନ ମିଳିତ ସହଯୋଗରେ ରାଜ୍ୟସ୍ତରୀୟ ସେମିନାର ଆୟୋଜନ କରାଯାଇଥିଲା। କଲେଜର ଅଧ୍ୟକ୍ଷ ଡା. ଫକିର ଚନ୍ଦ୍ର ଦାସଙ୍କ ପୌରହିତରେ ମୁଖ୍ୟ ଅତିଥିଭାବେ ସାରସକଣା ପୂର୍ବତନ ବିଧାୟକ ଡା. ବୁଢ଼ାନ ମୁର୍ମୁ, ଅତିଥି ଭାବେ ଡା. ଚୁଡ଼ାମଣୀ ପାତ୍ର, ଡା. ଗୋପାଳ ଚନ୍ଦ୍ର ସାହୁ, ଡା. କୁଳବଲ୍ଲବ ପାତ୍ର ପ୍ରମୁଖ ଯୋଗଦେଇ ଉମ ଚିକିତ୍ସା ଉମ ଆଚରଣ ରୋଗୀଙ୍କୁ ପୁନରଜନ୍ମ ଦେଇଥାଏ ବୋଲି କହିଥିଲେ। କଲେଜର ଅଧ୍ୟକ୍ଷ ବାର୍ଷିକ ବିବରଣୀ ପାଠ କରିବା ସହିତ ଉକ୍ତ ଚିକିତ୍ସାକୁ କିପରି ଲୋକାଭିମୁଖୀ କରାଯାଇପାରିବ ସେ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସେମିନାରରେ ଡା. ସରୋଜ କୁମାର ନାଏକ ମଞ୍ଚ ପରିଚାଳନା କରିଥିବାବେଳେ ରାଜ୍ୟ ତଥା ରାଜ୍ୟ ବାହାର ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଗୁଜୁରାଟ, ଛତିଶଗଡ଼, ଉତ୍ତର ପ୍ରଦେଶରୁ ଡାକ୍ତରରୀ ଛାତ୍ରୀଛାତ୍ର ଯୋଗଦେଇଥିଲେ। କଲେଜର ପ୍ରତିଷ୍ଠାତା ଡା. ସିଏମ୍ ପାତ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ରୋଗୀଙ୍କୁ ମନପ୍ରାଣ ଦେଇ ଚିକିତ୍ସା କରି ରୋଗମୁକ୍ତ କରି ଇଲେକ୍ଟ୍ରୋ ହୋମିଓପ୍ୟାଥିର ଚିକିତ୍ସାକୁ ବହୁଳ ପ୍ରସାର କରି ଜନମାନସରେ ତ୍ୱରାନ୍ୱିତ କରିବାକୁ ସେମିନାରରେ ଉପସ୍ଥିତ ଶତାଧିକ ଡାକ୍ତରଙ୍କୁ ଶିକ୍ଷା ଦିଆଯାଇଥିଲା। ଝାଡ଼ଖଣ୍ଡର ଡା. ଶରତ ସାହୁ, ସୁରଟର ବିନିତ୍ ଗୟେଲ, ଅହମ୍ମଦାବାଦର ଏସ୍.ଜି ଚୌହାନ, ଉତ୍ତର ପ୍ରଦେଶର ଇଲେକ୍ଟ୍ରୋ ହୋମିଓପ୍ୟାଥି କାଉନ୍‌ସିଲର ଡା. ୱାଇ ଖାନ୍, ଆଡ୍‌ଭାଇଜର ଅଫ୍ କାଉନସିଲର ଅବଦୁଲ ଅହମ୍ମଦ ପ୍ରମୁଖ ବ୍ୟକ୍ତବ ମାଧ୍ୟମରେ ମାଉଣ୍ଟ ସିଜର ମେଇଟିଙ୍କ ପ୍ରସ୍ତୁତ ଇଲେକ୍ଟ୍ରୋ ହୋମିଓପ୍ୟାଥି ଔଷଧୀୟ ଗୁଣର ଚମତ୍କାରିତା ଉପରେ ବଖାଣି ଥିଲେ।

# ଷ୍ଟାର ଷ୍ଟ୍ରକ୍-୨.୦ ଉଦ୍‌ଯାପିତ

ମୋରଡ଼ା,୩୧।୧(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡା ମାର୍କେଟସାହି ମା’ ତାରିଣୀ ଯୁବକ ସଂଘର ବାର୍ଷିକ ଉତ୍ସବ ଷ୍ଟାର ଷ୍ଟ୍ରକ୍-୨.୦ ଗତ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ସାଧାରଣତନ୍ତ୍ର ଦିବସରୁ ଉଦଘାଟିତ ହୋଇଥିବା ଉକ୍ତ ବାର୍ଷିକ ଉତ୍ସବର ଉଦଯାପନୀ ସନ୍ଧ୍ୟାରେ ଏକ ରଙ୍ଗାରଙ୍ଗ ପରିବେଶ ସୃଷ୍ଟି ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଚିତ୍ରଡ଼ାର ପୂର୍ବତନ ସରପଞ୍ଚ ହରିଶ୍ଚନ୍ଦ୍ର ରାୟବାବୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ କଂଗ୍ରେସ ବିଧାୟକ ପ୍ରାର୍ଥୀ ପ୍ରଭାସକର ମହାପାତ୍ର, ସମ୍ମାନିତ ଅତିଥିଭାବେ ହଳଦୀପାଳ ସରପଞ୍ଚ ମାଳତୀ ମାର୍ଣ୍ଡି, ବୀର ରଣା, ମୁଖ୍ୟ ବକ୍ତାଭାବେ ବାରିପଦା ଗୁପ୍ତା ଡିଷ୍ଟ୍ରିବ୍ୟୁଟର ମୁଖ୍ୟ ପରିଚାଳକ ସରୋଜ କୁମାର ଦାସ, ମୋରଡାର ମା’ ଶୀତଳା ଫେସନ ଜୋନର ମୁଖ୍ୟ, ପ୍ରମୁଖ ଯୋଗ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଅତିଥିମାନେ ବାର୍ଷିକ ଉତ୍ସବ ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଓଲିଉଡ଼ ଗାୟିକା ଅର୍ପିତା ଚୌଧୁରୀ, ଗାୟକ ଦେବାଶିଷ ମହାନ୍ତି ଏବଂ ଅନ୍ୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ବାରିପଦା,୩୧।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ମୟୂରଭଞ୍ଜ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣିଙ୍କ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟକୁ ମୁଖମନ୍ତ୍ରୀଙ୍କ ପିଆରଓ ଭାବେ ବଦଳି ହୋଇଛି। ଶୁକ୍ରବାର ଅପରାହ୍ନ ୪ଟାରେ ତାଙ୍କ କାର୍ଯ୍ୟଭାର ରାଇରଙ୍ଗପୁରରେ କାର୍ଯ୍ୟରତ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତିଙ୍କୁ ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ ହୋଇଥିଲା। କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ ପୂର୍ବକ ନୂତନ କାର୍ଯ୍ୟ କ୍ଷେତ୍ରରେ ଉତ୍ତରୋତ୍ତର ସଫଳତା କାମନା କରିଥିଲେ। ସେହିପରି ଉକ୍ତ କାର୍ଯ୍ୟାଳୟ ଅଧୀନରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରି ଆସୁଥିବା ରାମେଶ୍ୱର ବେସ୍ରା ଓ ଶ୍ରୀହରି ଦାସ ଦୁଇ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପରବର୍ତ୍ତୀ ଜୀବନ ସୁସ୍ଥ, ନିରୋଗ ଓ ଶାନ୍ତିରେ ଅତିବାହିତ ହେବା ନେଇ ଈଶ୍ୱରଙ୍କୁ ପ୍ରାର୍ଥନା କରାଯାଇଥିଲା। ସେମାନଙ୍କୁ ଅବସରକାଳୀନ ମାସିକ ପେନ୍‌ସନ୍‌ର ପ୍ରଭିଜନାଲ ମଞ୍ଜୁରୀ ଆଦେଶ କାର୍ଯ୍ୟାଳୟର ମୁଖ୍ୟ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉଦଳା ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ, ନିକ୍ଷେପକ ଶ୍ରୀକାନ୍ତ ବେହେରା, ଜେଆରଏ ଲଳିତ ନାୟକ, ଗ୍ରନ୍ଥାଗାରିକ ହରିଶ ମହାପାତ୍ର, ମିସ ଛିଟା ସୋରେନ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ରବି ନାଏକ, ଶିବଶଙ୍କର ଦତ୍ତ, ଅଜିତ ମହାପାତ୍ର ଓ କରୁଣାକର ମହାନ୍ତ ଉପସ୍ଥିତ ଥିଲେ।


ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ନୂଆସାହି କଲେଜକୁ ବି-ଗ୍ରେଡ୍ ମାନ୍ୟତା

ବାରିପଦା,୩୧।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଅଧୀନ କପ୍ତିପଦା ଡିଗ୍ରୀ କଲେଜ ନୂଆସାହିକୁ ନାକ ଟିମ୍ ବି-ଗ୍ରେଡ୍‌ମାନ୍ୟତା ପ୍ରଦାନ କରିଛନ୍ତି। ଯାହାକୁ ନେଇ କଲେଜର ଅଧ୍ୟକ୍ଷା, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ, ସଂଯୋଜକ, ନାକ୍ ସଂଯୋଜକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ସମସ୍ତଙ୍କ ସହଯୋଗରେ ଏହି ସଫଳତା ମିଳିଥିବାରୁ କଲେଜର ଅଧ୍ୟକ୍ଷା ଡ. ଲିପିକା ବେହେରା ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହିତ କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ଚକ୍ର କୁମାର ପଟ୍ଟନାୟକଙ୍କ ବହୁ ଦିନର ସ୍ୱପ୍ନକୁ ସାକାର କରିଥିବାରୁ ଅଶେଷ କୃତଜ୍ଞତା ଜଣାଇଛନ୍ତି। ଗତ ୧୭ ଓ ୧୮ ତାରିଖ ଦୁଇ ଦିନ ଧରି ନାକ୍ ଟିମର ସଦସ୍ୟମାନେ କଲେଜରେ ପହଞ୍ଚି ଅନୁଧ୍ୟାନ କରିଥିଲେ। କଲେଜରେ ଛାତ୍ରୀଛାତ୍ରଙ୍କ କୃତୀତ୍ୱ ଓ ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ସମସ୍ତ ବିଭାଗଗୁଡ଼ିକ ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ କଲେଜର ଶିକ୍ଷାଦାନ ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ପରେ ପାଠାଗାର, କ୍ରୀଡ଼ାଙ୍ଗନ, ଯୋଗକେନ୍ଦ୍ର ଓ ଆଣ୍ଟିର୍‌ୟାଗିଂ ସେଲ, କ୍ୟାରିୟର କାଉନ୍‌ସେଲିଂ ସେଲ, ଜାତୀୟ ଯୁବ ରେଡକ୍ରସ, ଜାତୀୟ ସେବା ଯୋଜନା, ଯୌନ ଉତ୍ପୀଡନ ସେଲ ଇତ୍ୟାଦି ବୁଲି ନୀରିକ୍ଷଣ କରିଥିଲେ। ପରେ ପରିଚାଳନା ସମିତିର ସଦସ୍ୟ, ପୂର୍ବତନ ଅଧ୍ୟକ୍ଷ, ଅଭିଭାବକ, ଅଧ୍ୟାପିକା, ଅଧ୍ୟାପକ, ପୂର୍ବତନ ଛାତ୍ରୀଛାତ୍ର ଓ ବିଦ୍ୟାର୍ଥୀଙ୍କ ସହ ଆଲୋଚନା କରିଥିଲେ।

## ସଂକ୍ଷେପରେ

### ବିଦ୍ୟାଳୟରେ ଶୀତାକାଳୀନ ସେବା ଶିବିର

ସୋର, ୩୧।୧(ଜନ୍ମେଜୟ ମିଶ୍ର): ସୋର ବ୍ଲକ ନିଶ୍ଚିନ୍ତପୁର ପଞ୍ଚାୟତ କୁଡ଼େଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୀତାକାଳୀନ ସ୍ୱତନ୍ତ୍ର ଜାତୀୟ ସେବା ଶିବିର ୭ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ କରୁଣାକର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ଦାମୋଦର ଦାଶମହାପାତ୍ର, କାର୍ଯ୍ୟକ୍ରମ ସଂଯୋଜକ ଡ. ବିଶ୍ୱମୋହନ ଜେନା, ଜିଲା ସଂଯୋଜକ ହୃଷିକେଶ ପଣ୍ଡା, ଅଧ୍ୟାପକ ସଞ୍ଜୟ କୁମାର ମୁଦୁଲି, ଅଧ୍ୟାପିକା ଗୀତାଞ୍ଜଳି ରଥ, ଅନ୍ନପୂର୍ଣ୍ଣା ମିଶ୍ର ଯୋଗଦେଇ ଜାତୀୟ ସେବା ଯୋଜନାର ଲକ୍ଷ୍ୟ ଓ ସେବା ପ୍ରତି ସମର୍ପିତ ଭାବ ସମ୍ପର୍କରେ ସ୍ୱେଚ୍ଛାସେବୀମାନଙ୍କୁ ଅବଗତ କରାଇଥିଲେ। ଶିବିରରେ କାର୍ଯ୍ୟକ୍ରମ ଅଧିକାରିଣୀ ଶ୍ୱାଶତୀ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୋଟ ୫୦ ସ୍ୱେଚ୍ଛସେବୀ ଯୋଗଦେଇ ନଦୀଗାଁ ଗ୍ରାମକୁ ପୌଷ୍ୟ ଗ୍ରାମ୍ୟ ଭାବେ ଗ୍ରହଣ କରି ବିଭିନ୍ନ ଜନହିତକର କାର୍ଯ୍ୟ କରିବା ସହିତ ବୃକ୍ଷରୋପଣ, ପରିବେଶ ସୁରକ୍ଷା, ଉତ୍ତମ ସ୍ୱାସ୍ଥ୍ୟ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅନ୍ୟ ଅଧ୍ୟାପକ, ଅଧ୍ୟାପିକାମାନେ ପରିଚାଳନାରେ ସହଯୋଗ କରିଥିଲେ।

### କୁମ୍ଭମେଳାରେ ନୀଳଗିରିର ବୃଦ୍ଧା ନିଖୋଜ

ନୀଳଗିରି, ୩୧।୧(ପ୍ରଶାନ୍ତ ବିଶ୍ୱାଳ)– କୁମ୍ଭମେଳାରେ ବୁଲିବାକୁ ଯାଇଥିବା ନୀଳଗିରି ଅଞ୍ଚଳର ଜଣେ ୫୫ବର୍ଷୀୟା ବୃଦ୍ଧା ନିଖୋଜ ଥିବା ନେଇ ପରିବାର ଲୋକେ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି।

ସୂଚନା ଅନୁସାରେ ନୀଳଗିରି ଥାନା ଅଧୀନ ତିନଦେଶ ନରସିଂହପୁର ଗ୍ରାମର ଦୋଳଗୋବିନ୍ଦ ପାଢ଼ୀଙ୍କ ପରିବାର କୁମ୍ଭମେଳାରେ ବୁଲିବାକୁ ଗତ ୨୭ ତାରିଖରେ ଯାଇଥିଲେ। କୁମ୍ଭମେଳାରେ ସପରିବାର ପୂଜାର୍ଚ୍ଚନା କରିବା ସହ ସ୍ନାନ ମଧ୍ୟ କରିଥିଲେ। ବେଶ୍ ଦୁଇ



ଦିନ ଧରି ବୁଲାବୁଲି କରିଥିଲେ। ମାତ୍ର ୨୯ତାରିଖରେ ସପରିବାର ବୁଲାବୁଲି କରୁଥିବା ବେଳେ ଦୋଳଗୋବିନ୍ଦଙ୍କ ସ୍ତ୍ରୀ ଦମୟନ୍ତୀ ଜନଗହଳି ଭିତରେ ହଜି ଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲେ। ପରେ ଘରକୁ ଫେରି ଶୁକ୍ରବାର ଦମୟନ୍ତୀଙ୍କ ପୁତ୍ରବଧୂ ସବିତା ପାଢ଼ୀ ଶାଶୁ ନିଖୋଜ ଥିବା ନେଇ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛନ୍ତି।

# ବାତ୍ୟା ଦାନା ରିପୋର୍ଟ ପ୍ରସ୍ତୁତିରେ ଅନିୟମିତତା

ଖଇରା, ୩୧।୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକରେ ବାତ୍ୟା ଦାନା ବ୍ୟାପକ କ୍ଷତି ଘଟାଇଥିଲା। ଏଥିପାଇଁ ବ୍ଲକ ପ୍ରଶାସନ ପ୍ରଦାନ କରିଥିବା କ୍ଷୟକ୍ଷତି ରିପୋର୍ଟ ତ୍ରୁଟିପୂର୍ଣ୍ଣ ଦର୍ଶାଇ ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧିମାନେ ପଞ୍ଚାୟତିରାଜ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ଲିଖିତ ଭାବେ ଜଣାଇବା ସହ ଉଚ୍ଚ ଅଦାଲତଙ୍କ ଆଶ୍ରୟ ନେଇଥିଲେ। ଉଚ୍ଚ ଅଦାଲତଙ୍କ ରାୟର ନକଲ ଗୁରୁବାର ସନ୍ଧ୍ୟାରେ ଇମେଲ୍ ଯୋଗେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବା ମାତ୍ରେ ଚାଲିଥିବା କାର୍ଯ୍ୟ ପାଇଁ ଖଇରା ପଞ୍ଚାୟତ ଭଳି ବହୁ ପଞ୍ଚାୟତରେ ରାତିଅଧିଆ ବିଲ୍ ପ୍ରସ୍ତୁତ କରିବାକୁ ନେଇ ସାଧାରଣରେ ବିଭାଗର ସ୍ୱଚ୍ଛତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଛି। ଏଭଳି ଅନିୟମିତତାରେ ଲିପ୍ତ ଯନ୍ତ୍ରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବହୁ ପଞ୍ଚାୟତର ଲୋକପ୍ରତିନିଧିମାନେ ଦାବି କରିଛନ୍ତି।

**ହାଇକୋର୍ଟ ରାୟ ପ୍ରସାର ପୂର୍ବରୁ ରାତିଅଧିଆ ବିଲ୍ ପ୍ରସ୍ତୁତ**

ଖଇରା ବ୍ଲକରେ ବାତ୍ୟା ଦାନାରେ କ୍ଷୟକ୍ଷତି ହେବା ପରେ ଲୋକପ୍ରତିନିଧିଙ୍କ ଜରିଆରେ ରିପୋର୍ଟ ଅଣାଯାଇଥିଲା। ବ୍ଲକ ପ୍ରଶାସନର ରିପୋର୍ଟ ଆଧାରରେ ଖଇରା ବ୍ଲକକୁ ୧୦କୋଟି ୩୧ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ହେଲେ ଅନୁମୋଦିତ ଠିଠାରୁ ବହୁ ଲୋକପ୍ରତିନିଧିଙ୍କ ପ୍ରକଳ୍ପ ଉଭାନ ହୋଇଯିବା ଓ ପ୍ରକଳ୍ପ ଚୟନରେ ସରକାରୀ ନିୟମକୁ ଉଲ୍ଲଂଘନ କରାଯିବା ନେଇ ଶ୍ୟାମସୁନ୍ଦରପୁର, ଖଇରା, ଜଳଦା ଭଳି ପଞ୍ଚାୟତର ଲୋକପ୍ରତିନିଧିମାନଙ୍କୁ ବାଧି ଥିଲା। ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ବାସନ୍ତୀ ମହାନ୍ତି, ଗୀତାଞ୍ଜଳି ବେହେରା, ରବୀନ୍ଦ୍ର କୁମାର ସେଠୀ, ଗୀତାଞ୍ଜଳି ଜେନା, ମଦନମୋହନ ସାନ୍ତରା, ବନିତା ପ୍ରଧାନ, ଦମୟନ୍ତୀ ସିଂ, ଜୟନ୍ତୀ ପତି,



ଖଇରା ପଞ୍ଚାୟତର ଏକ ଗ୍ରାମରେ ବିନା ସୂଚନାଫଳକରେ ନୂତନ ଭାବେ ନିର୍ମାଣ ହୋଇଥିବା କଂକ୍ରିଟ ରାସ୍ତା।

ସସ୍ମିତା ଧିନ୍ଦା, ଭାନୁପ୍ରିୟା ସାହୁ, ନଳିନୀ କୁମାର ସାହୁ, ସଂଯୁକ୍ତା ମହାପାତ୍ର ଓ ନର୍ମଦା ଦେଓ ପ୍ରମୁଖ ପଞ୍ଚାୟତିରାଜ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ଚିଠି ଲେଖି ପ୍ରକଳ୍ପ ସଂଶୋଧନ ପାଇଁ ଦାବି କରିଥିଲେ। ଏଥିସହ କିଛି ଲୋକପ୍ରତିନିଧି ଉଚ୍ଚ ଅଦାଲତଙ୍କ ଆଶ୍ରୟ ମଧ୍ୟ ନେଇଥିଲେ। ଅଦାଲତ ଉକ୍ତ ମାମଲା(ଡବ୍ଲ୍ୟୁପି(ସି)ନଂ.୧୨୫୬୭ର ବିଚାର କରି ପ୍ରକାଶ କରିଥିବା ରାୟରେ ୪ ସପ୍ତାହ ମଧ୍ୟରେ ଉକ୍ତ ମାମଲା ଶୁଣାଣି ପର୍ଯ୍ୟନ୍ତ କାର୍ଯ୍ୟ ପାଇଁ କାର୍ଯ୍ୟାଦେଶ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ନିର୍ଦ୍ଦେଶ ପ୍ରସାର ହେବା ପୂର୍ବରୁ ଗୁରୁବାର ରାତିରେ ଖଇରା ପଞ୍ଚାୟତର ବିଭିନ୍ନ ଗ୍ରାମରେ ବିନା ସୂଚନାଫଳକରେ ଚାଲିଥିବା କଂକ୍ରିଟ ରୋଡ ମାପ ପାଇଁ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ ଗ୍ରାମରେ ପହଞ୍ଚିବା ପରେ ଗ୍ରାମବାସୀଙ୍କ ବିରୋଧର ଶିକାର ହୋଇଥିଲେ। ବିଡମ୍ବନାର ବିଷୟ ଯେ, ଏହି ୧୦କୋଟି ଅର୍ଥ ମରାମତି ପାଇଁ ଏନଡିଆରଏଫ୍ ଗାଇଡଲାଇନ ରହିଥିବା ବେଳେ ଏହି ଅର୍ଥ ନୂତନ ପ୍ରକଳ୍ପ ନିର୍ମାଣରେ ବ୍ୟବହୃତ ହୋଇଛି। ଏ ସମ୍ପର୍କରେ ବ୍ଲକ ସହକାରୀ ଯନ୍ତ୍ରୀ ଉତ୍ତମ କୁମାର ସାହୁଙ୍କୁ ଯୋଗାଯୋଗ କରିବା ପରେ କୋର୍ଟ ଆଦେଶ ପହଞ୍ଚିବା ପରେ କୌଣସି ବିଲ୍ କରାଯାଇ ନ ଥିବା କହିଛନ୍ତି।

# 'ଉତ୍ସବ ଉତ୍ତର ଓଡ଼ିଶା' ଉଦ୍‌ଘାଟିତ



ଉତ୍ସବକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ବାଲେଶ୍ୱର, ୩୧।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଆଇଟିଆଇ ପଡ଼ିଆରେ ଉତ୍ସବ ଉତ୍ତର ଓଡ଼ିଶା ପରିଷଦ ଆନୁକୂଲ୍ୟରେ ଶୁକ୍ରବାର ରାତି ୮ଟା ସମୟରେ 'ଉତ୍ସବ ଉତ୍ତର ଓଡ଼ିଶା' ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସରକାରୀ ଦଳ ଉପ–ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଉତ୍ସବକୁ ଉଦ୍‌ଘାଟନ କରିଥିଲେ।

ପରିଷଦ ଅଧ୍ୟକ୍ଷ ଡା. ଅମିତାଭ ଗିରି ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ

**ବ୍ୟାସକବି ଫକୀରମୋହନଙ୍କ ନାମରେ ଉତ୍ସର୍ଗ ହେଲା ମଞ୍ଚ**

ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, କେନ୍ଦୁଝରର ପୂର୍ବତନ ଏମ୍‌ପି ଯଶୋବନ୍ତ ନାରାୟଣ ସିଂହଲାଗୁରୀ, ବଡ଼ସାହି ବିଧାୟକ ସନାତନ ବିଜୁଳି, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ନୋସି ଉପସଭାପତି ସୁବ୍ରତ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ପରିଷଦର ସାଧାରଣ ସମ୍ପାଦକ ସତ୍ୟରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଦିନର ମଞ୍ଚକୁ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଉଦ୍ଦେଶ୍ୟରେ ନାମରେ ଉତ୍ସର୍ଗ କରାଯାଇଥିଲା। ଏହି ଅବସରରେ ବହୁମୁଖୀ ପ୍ରତିଭା ପ୍ରଫେସର ମନିକା ଦାସ, କଳାକାର ଦୈତାରୀ ପଣ୍ଡା, ସୋଫିଆ ମହମ୍ମଦ ଓ ଡାଏନା ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପରିଷଦର ସମସ୍ତ କର୍ମକର୍ତ୍ତା ଉତ୍ସବ ପରିଚାଳନା କରିଥିଲେ। ୫ଦିନ ବ୍ୟାପୀ ଆୟୋଜିତ ଏହି ଉତ୍ସବ ଆସନ୍ତା ଫେବୃଆରୀ ୪ ତାରିଖରେ ଉଦ୍‌ଯାପିତ ହେବ।

# ହରେକୃଷ୍ଣ ସରକାରୀ ଉ.ପ୍ରା. ବିଦ୍ୟାଳୟ ବାର୍ଷିକ ଉତ୍ସବ

ବାହାନଗା, ୩୧।୧(ଅରୂପ କୁମାର ଦାସ)

ବାହାନଗା ବ୍ଲକ ଷଠୀସ୍ଥିତ ହରେକୃଷ୍ଣ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ବିଶ୍ୱାଳ କାର୍ଯ୍ୟ ତୁଲାଇଥିଲେ। ମୁଖ୍ୟଅତିଥି ଭାବେ ସୋର ବିଧାୟକ ମାଧବ ଧଡ଼ା ଯୋଗଦେଇ ଛାତ୍ରୀଛାତ୍ରମାନେ ଭଲ ପାଠ ପଢ଼ି ଜୀବନର ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଧୈର୍ଯ୍ୟ ଧରି ଆଗକୁ ବଢ଼ିବାକୁ ବକ୍ତବ୍ୟରେ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଏବିଇଓ ରୋହିଆ ଟୁଡୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଭାପତି ଜୀବନ ଦାଶ, ୧୯ ନମ୍ବର ଜୋନର ଜିଲା ପରିଷଦ ସଦସ୍ୟା ବିନପ୍ରଭା ଶିଅଳ, ପୁରାତନ ଛାତ୍ର କୁଞ୍ଜବିହାରୀ ଜେନା, ସିଆରସିସି ତୁଳସୀ ମଲିକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ଲକ୍ଷ୍ମୀକାନ୍ତ ଜେନା ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନାଟକ ପରିବେଷଣ ହୋଇଥିଲା।

# 'ନମ୍ରତା ବିଦ୍ୟାର୍ଥୀଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇଥାଏ'

ବାଲିଆପାଳ, ୩୧।୧(ଗୋପାଳ ଚନ୍ଦ୍ର ସାହୁ)

**ବାଲିଆପାଳ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ**

ବିନୟ ଓ ନମ୍ରତା ବିଦ୍ୟାର୍ଥୀଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇଥାଏ ବୋଲି ଶୁକ୍ରବାର ବାଲେଶ୍ୱର ଜିଲା ବାଲିଆପାଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ବସ୍ତା ବିଧାୟକା ସୁବାସିନୀ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି।

ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନରହରି ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ଭୋଗରାଇ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ସତୀଶ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ସିମୁଳିଆ କ୍ଲଷ୍ଟରର ସିଆରସିସି ଅଶୋକ କୁମାର ଗିରି, ଜିଲା ପରିଷଦ ସଦସ୍ୟ ବେଣୁଧର ଜେନା, ମଧୁପୁରା ପଞ୍ଚାୟତ ସମିତି ସଦସ୍ୟ ସୁଶାନ୍ତ କୁମାର ସେଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମହାଦେବ କର୍ମକାର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ପ୍ରଥମ ଅଧିବେଶନ ଶେଷରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଇତିଶ୍ରୀ ବିଶ୍ୱାଳ ଅତିଥିମାନଙ୍କୁ ଧନ୍ୟବାଦ ଦେଇଥିଲେ। ଅପରାହ୍ନରେ ଦ୍ୱିତୀୟ ଅଧିବେଶନରେ ଆୟୋଜିତ ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ସହିତ ଏକକ ଅଭିନୟ ମନକୁ ମୋହିଥିଲା। ଖେଳ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଗିରି, ଚନ୍ଦନ କୁମାର ପଣ୍ଡା, ଗାୟତ୍ରୀ ରାଉତ, ପ୍ରଜ୍ଞା ମହାପାତ୍ର, ରାଧାରାଣୀ ବିଶ୍ୱାଳ, ହେମପ୍ରଭା ଜେନା ଓ ଜୟନ୍ତ ପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଡିଗ୍ରୀ କଲେଜରେ ଶୀତକାଳୀନ ଶିବିର ଉଦ୍‌ଯାପିତ

ଔପଦା, ୩୧।୧(ଧରିତ୍ରୀ ପଣ୍ଡା)

ଔପଦା ଡିଗ୍ରୀ ମହାବିଦ୍ୟାଳୟ ଜାତୀୟ ସେବା ସଂସ୍ଥା ଆନୁକୂଲ୍ୟରେ ଶୀତକାଳୀନ ଶିବିର ଗତ ୨୪ରୁ ଆରମ୍ଭ ହୋଇ ୩୦ତାରିଖ ପର୍ଯ୍ୟନ୍ତ ତଳକିଆ ପୋଷ୍ୟ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭବେ ଔପଦା ଥାନାର ଭାରପ୍ରାପ୍ତ ଅଧିକାରୀ ତଥା ଆଇଆଇସି ପ୍ରବୋଧ କୁମାର ନାୟକ ସଭାକୁ ଉଦ୍‌ଘାଟନ କରି ଜାତୀୟ ସେବା ସଂସ୍ଥାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବଖାଣିଥିଲେ। ଜାତୀୟ ସେବା ସଂସ୍ଥାର ଅଧିକାରୀ ସଂସ୍କୃତ ପ୍ରାଧ୍ୟାପକ ଦ୍ୱାରିକାନାଥ ଶତପଥୀଙ୍କ ସଭାପତିତ୍ୱରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ମୋହନ ଚରଣ ସାହୁ ମାନବ ସେବା ହିଁ ମାଧବ ସେବା ବୋଲି କହିଥିଲେ। ଏଥିରେ ପ୍ରାକ୍ତନ ଅଧ୍ୟକ୍ଷ କମଳାକାନ୍ତ ଦାସ, ପ୍ରାଧ୍ୟାପକ ପୂର୍ଣ୍ଣଚନ୍ଦ୍ର ନାୟକ, ହରିହର ପଣ୍ଡା, ଲକ୍ଷ୍ମୀନାରାୟଣ ଦାସ, ମଳୟ କୁମାର ବେହେରା, ପ୍ରାଧ୍ୟାପିକା ସବିତା ମହାରଣା, ବନିସା ମୁଦୁଲି, ପୁଷ୍ପାଞ୍ଜଳି ବିଶ୍ୱାଳ, ପ୍ରଭାସିନୀ ବେହେରା, ରଞ୍ଜିତା ପଲାଇ ତଥା କର୍ମଚାରୀ ମମତା ଦାସ, ରମେଶ ବିଶ୍ୱାଳ, ଅନାଦି ଧଳ ପ୍ରମୁଖ ସଫଳ କରିଥିଲେ। ୫୦ଜଣ ଶିବିରାର୍ଥୀ ଅଂଶଗ୍ରହଣ କରିଥିଲେ। ନୀଳକଣ୍ଠ ଦାସ, ଶୁଭମ ଶେଖର ସାହୁ, ଘନଶ୍ୟାମ ବାଦ୍ରା, ପୂଜା ଜଳିଆଳ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ଘୋଷଣା କରାଯାଇଥିଲା। ଛାତ୍ରୀ ସୁଧାରାଣୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## କାନ୍ଥ ଭୁଶୁଡ଼ି ଦମ୍ପତି ଗୁରୁତର

ଭୋଗରାଇ, ୩୧।୧(ପ୍ରଦୀପ ଦାସ): ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ବଧିଆ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଉକ୍ତ ଗ୍ରାମର ଜନ୍ମେଜୟ ମହାନ୍ତି ଓ ତାଙ୍କ ସ୍ତ୍ରୀ ପୂଜା ମହାନ୍ତି ସୋମବାର ମଧ୍ୟାହ୍ନରେ ନିଜ ଘରେ କୌଣସି କାରଣରୁ ସ୍ତ୍ରୀ ଓ ସ୍ୱାମୀଙ୍କ ଗଣ୍ଡଗୋଳ ଲାଗି ଧସ୍ତାଧସ୍ତି ହୋଇଥିଲେ। ଧସ୍ତାଧସ୍ତି ବେଳେ ଇଟା କାନ୍ଥ ଘର ଧସିବାରୁ ସ୍ତ୍ରୀ ଓ ସ୍ୱାମୀ ଉଭୟେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କର ଚିତ୍କାର ଓ ଲହୁଲୁହାଣ ହେବା ଦେଖି ପ୍ରଥମେ ୧୦୮ ଯୋଗେ କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ପାଣିରେ ବୁଡ଼ି ମତ୍ସ୍ୟଜୀବୀଙ୍କ ମୃତ୍ୟୁ

ବାଲେଶ୍ୱର, ୩୧।୧(ବାଞ୍ଛାନିଧି ଦେ)– ବାଲେଶ୍ୱର ସଦର ଥାନା ଅଧୀନ ଘୋଡ଼ାପଦା ମହାନାଳରୁ ଗୁରୁବାର ରାତିରେ ଜଣେ ମତ୍ସ୍ୟଜୀବୀଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ଘୋଡ଼ାପଦା ଅଞ୍ଚଳର ଶ୍ରୀକାନ୍ତ ଦାସ। ସେ ଏହି ମହାନାଳକୁ ମାଛ ଧରିବାକୁ ଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଗ୍ରାମବାସୀଙ୍କ ସହ ଖୋଜାଖୋଜି କରିଥିଲେ। ମହାନାଳ ନିକଟରେ ତାଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଏ ସମ୍ପର୍କରେ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ହୋଇଛି।

# ରୋଟାରୀ ପକ୍ଷରୁ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ

ବାଲେଶ୍ୱର, ୩୧।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି ଦୁଇଦିନିଆ ଜିଲାସ୍ତରୀୟ ପୁଷ୍ପ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ, ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଏହି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ, ଅତିଥି ଭାବେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସ୍‌ପି ରାଜପ୍ରସାଦ, ଅତିରିକ୍ତ ଜିଲାପାଳ ସୁଧାକର ନାୟକ, ଉପଜିଲାପାଳ ପ୍ରଥମେଶ ରାଜଶିର୍କେ ଯୋଗଦେଇଥିଲେ।

ଉଦ୍‌ଯାପନୀ ଉତ୍ସବରେ ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ୍ ନାୟକ ଯୋଗଦେଇଥିଲେ। ଶେଷରେ ପ୍ରଦର୍ଶନୀ ପ୍ରକଳ୍ପର ଚେୟାରମ୍ୟାନ୍ ରୋ. ଦେବାଶିଷ ଦାସ ଧନ୍ୟବାଦ ଦେଇଥିଲେ।




ଡିଆଇଜିଙ୍କ ଦ୍ୱାରା ପୁରସ୍କୃତ କରାଯାଉଛି।

# ସଡ଼କ ସୁରକ୍ଷା ସଚେତନତା

ବୈଶିଙ୍ଗା,୩୧।୧(ରତନ ଦାଶ)

ମୟୂରଭଞ୍ଜ ଜିଲାର ବୈଶିଙ୍ଗାଠାରେ ଥିବା ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସମାବେଶରେ ବୈଶିଙ୍ଗା ଥାନାଧିକାରୀ ତପନ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ବଢ଼ି ଚାଲିଥିବା ସଡ଼କ ଦୁର୍ଘଟଣାକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ରାସ୍ତାରେ ଗାଡ଼ି ଚଲାଇବା ବେଳେ ନେବାକୁ ଥିବା କେତେକ ସତର୍କତାମୂଳକ ପଦକ୍ଷେପ ବାବଦରେ ସଚେତନ ରହିବାକୁ ଛାତ୍ରୀଛାତ୍ରଙ୍କୁ ସେ ପରାମର୍ଶ ଦେଇଥିଲେ। ପୋଲିସ ଅଧିକାରୀ ଅପରାଜିତା ଦାସ ଓ ଲମ୍ବୋଦର ବାରିକ ଉପସ୍ଥିତ ଥିଲେ।




ବାହାରିଥିବା ସଚେତନତା ଶୋଭାଯାତ୍ରା।

ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ. ପର୍ଶୁରାମ ଦାସ, ଅଧ୍ୟାପକ ବିଜୟ କୁମାର ତ୍ରିପାଠୀ, ଦେବବ୍ରତ ରାଉତ, ମହେନ୍ଦ୍ର କୁମାର କର, ଜିତେନ୍ଦ୍ର ଖଟୁଆ, ମିନାକ୍ଷୀ ଦାସ, ପୁଷ୍ପପ୍ରିୟା ମହାଲିକ, ସୁବାସ ଚନ୍ଦ୍ର ମହାପାତ୍ର, ପରମେଶ୍ୱର ବେହେରା ଓ ହରେକୃଷ୍ଣ ବେହେରା ଉପସ୍ଥିତ ଥିଲେ। ଶେଷରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା ବୈଶିଙ୍ଗା ବଜାର ଅଞ୍ଚଳ ପରିକ୍ରମା କରିଥିଲା। ହେଲ୍‌ମେଟ ଓ କାର୍‌ରେ ସିଟ୍‌ବେଲ୍ଟ ବ୍ୟବହାର କରିଥିବା ଗାଡ଼ି ଚାଳକଙ୍କୁ ଗୋଲାପ ଫୁଲ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ୧୦୨ ୟୁନିଟ ରକ୍ତ ସଂଗ୍ରହ

ଉଦଳା, ୩୧।୧(ସନ୍ତୋଷ କୁମାର ବାଛିନୀ)

କୁଣ୍ଡାବାଇ ଆର୍‌ଡିଏସ୍ ମହାବିଦ୍ୟାଳୟର ପ୍ରତିଷ୍ଠାତା ପୂର୍ବତନ ବିଧାୟକ ସ୍ୱର୍ଗତ ରୋହିଦାସ ସୋରେନଙ୍କ ୨୪ତମ ଶ୍ରାଦ୍ଧୋତ୍ସବ ଅବସରରେ ଯୁବ ରେଡ୍‌କ୍ରସ ଓ ଏନ୍‌ଏସ୍‌ଏସ୍‌ର ମିଳିତ ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢ଼େଇ ଯୋଗଦେଇ ପ୍ରଥମେ କଲେଜ ପରିସରରେ ଥିବା ସ୍ୱର୍ଗତ ରୋହି ଦାସ ସୋରେନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ଗିରି, ଉଦଳା ରକ୍ତଭଣ୍ଡାରର ଡା. ଖଗେଶ୍ୱର ସିଂହ, ଯୁକ୍ତ ୨ ଅଧ୍ୟକ୍ଷ ଅରବିନ୍ଦ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ମୋଟ ୧୦୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଯୁବ ରେଡ୍‌କ୍ରସ ସଂଯୋଜକ ଅଧ୍ୟାପକ ରାଜେଶ କୁମାର ରାଉତରାୟ, ଡ. ଜୟନ୍ତ କୁମାର ମହାପାତ୍ର, ଡ. ହିମାଂଶୁ ଶେଖର ସାହୁ, ଲେଡି କାଉନସିଲର ଡ. ଦିବ୍ୟାରାଣୀ ତ୍ରିପାଠୀ, ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଓମ୍ ପ୍ରକାଶ ଶତପଥୀ, ଯାଜ୍ଞସେନୀ ବେହେରା, ଅଧ୍ୟାପକ ଦିଲୀପ କୁମାର ପ୍ରାମାଣିକ, ଶୁଭକାନ୍ତ ସାହୁ, ମହେନ୍ଦ୍ର ବିନ୍ଧାଣୀ, ସୁବ୍ରତ କୁମାର ବେହେରା, ମଧୁସ୍ମିତା ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲା ଭାଜପାର ବନ୍ଧୁମିଳନ

କେନ୍ଦୁଝର,୩୧।୧(ଦୀପକ ମିଶ୍ର)

କେନ୍ଦୁଝର ଜିଲା ଭାଜପା ପକ୍ଷରୁ ସହରର ରୋଟାରି କ୍ଲବ୍‌ଠାରେ ଶୁକ୍ରବାର ଅପରାହ୍ନ ୨ଟାରେ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭାଜପା ନୂତନ ଜିଲା ସଭାପତି ଶୁକଦେବ ମହାନ୍ତ ଯୋଗଦେଇ ଗଣମାଧ୍ୟମ ପ୍ରତିନିଧିଙ୍କ ସହିତ ଜିଲାର ସ୍ୱାର୍ଥ ଓ ବିକାଶ ପାଇଁ ବିଭିନ୍ନ ବିନ୍ଦୁ ଉପରେ ଆଲୋଚନା କରିଥିଲେ। କେନ୍ଦ୍ର ଏବଂ ରାଜ୍ୟରେ ଚାଲିଥିବା ଡବଲ ଇଞ୍ଜିନ ସରକାର ସର୍ବଦା ଗଣମାଧ୍ୟମର ସୁରକ୍ଷାକୁ ଗୁରୁତ୍ୱ ଦେଉଛି ବୋଲି କହିଥିଲେ। ଆଗାମୀ ଦିନରେ ଜିଲାର ବିକାଶ ପାଇଁ ଦଳ ମତ ନିର୍ବିଶେଷରେ ସମସ୍ତେ ଏକାଠି ହୋଇ କାର୍ଯ୍ୟ କରିବାକୁ ଜିଲା ସଭାପତି ଆହ୍ୱାନ ଦେଇଥିଲେ। ନୂତନ ଜିଲା ସଭାପତିଙ୍କୁ ଜିଲା ଗଣମାଧ୍ୟମର ପ୍ରତିନିଧିମାନେ ଶୁଭେଚ୍ଛା ଜଣାଇଥିଲେ। ଭାଜପା ଜିଲା ମିଡ଼ିଆ ସଂଯୋଜକ ବ୍ରଜକିଶୋର ରାୟ ପରିଚାଳନା କରିଥିବା ବେଳେ ରାଜ୍ୟ ପରିଷଦ ସଦସ୍ୟା କିରଣବାଳା ନାୟକ ଏବଂ କେନ୍ଦୁଝର ନଗର ସଭାପତି ବିଶ୍ୱଜିତ୍ ତ୍ରିପାଠୀ ଗଣମାଧ୍ୟମ ପ୍ରତିନିଧିଙ୍କ ସହିତ ଭାବ ବିନିମୟ କରିଥିଲେ। ଜିଲା କାର୍ଯ୍ୟାଳୟ ସମ୍ପାଦକ ପ୍ରକାଶ ସୂତ୍ରଧର ଏବଂ କୃଷକ ନେତା ରାଜେଶ ସିଂହ ଏବଂ ରବିନାରାୟଣ ମହାନ୍ତ ସହଯୋଗ କରିଥିଲେ।

## ବାଲିଘାଟକୁ ନେଇ ଗୋଷ୍ଠୀ ସଂଘର୍ଷ, ୨ ଗୁରୁତର

ଆନନ୍ଦପୁର, ୩୧।୧(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଘଷିପୁରା ଥାନା ଦେଓଗାଁରେ ବାଲିଘାଟକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ ହୋଇଛି। ପୂର୍ବରୁ ବାଲିଘାଟ ନିଲାମ ନେଇଥିବା ଗୋଷ୍ଠୀଙ୍କ ଆକ୍ରମଣରେ ବର୍ତ୍ତମାନ ବାଲିଘାଟ ବୁଝାବୁଝି କରୁଥିବା ଗୋଷ୍ଠୀର ୨ ଯୁବକ ଗୁରୁତର ହୋଇଛନ୍ତି। ଗୁରୁତର ଦ୍ୱୟ ହେଲେ ଦେବେନ୍ଦ୍ର ଦାଶ ଓ ବିଶ୍ୱଜିତ୍ ଦାଶ। ଉଭୟଙ୍କୁ ଆନନ୍ଦପୁର ଉପଖଣ୍ଡ ମେଡ଼ିକାଲରେ ଭର୍ତ୍ତିକରାଯାଇଛି। ଦେବେନ୍ଦ୍ର ଓ ବିଶ୍ୱଜିତ୍ ଶୁକ୍ରବାର ସନ୍ଧ୍ୟା ୫ଟାରେ ଦେଓଗାଁ ବଜାରରେ ଥିଲେ। ଏହି ସମୟରେ ଅପରପକ୍ଷର ବ୍ୟକ୍ତିମାନେ ଏକତ୍ରିତ ଭାବେ ଉଭୟଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଘଷିପୁରା ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

## ସମ୍ପ୍ରସାରଣ ହେବ ସହିଦ ମାର୍ଗ ରାସ୍ତା

କେନ୍ଦୁଝର,୩୧।୧(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସହର ସର୍କିଟ ହାଉସ୍‌କୁ ସଂଯୋଗ କରୁଥିବା ରାସ୍ତାର ସହିଦ ମାର୍ଗ ପ୍ରଶସ୍ତିକରଣ କରାଯିବ। ଏ ନେଇ ଶୁକ୍ରବାର ମଧ୍ୟାହ୍ନ ୧ଟାରେ ପୌରପାଳିକା ଏବଂ ସଦର ତହସିଲ ପକ୍ଷରୁ ମାପ କରାଯାଇଛି। ସର୍କିଟ ହାଉସଠାରୁ ହସ୍ପିଟାଲକୁ ସଂଯୋଗ କରୁଥିବା ୨୨୦ ମିଟର ଦୀର୍ଘ ଏହି ରାସ୍ତାର ସମ୍ପ୍ରସାରଣ କରାଯିବ। ପୌରପାଳିକା ପକ୍ଷରୁ ଏହାର ଉନ୍ନତିକରଣ ଏବଂ ପ୍ରଶସ୍ତିକରଣ କରାଯିବ। ଏଥିପାଇଁ ରାସ୍ତାକୁ ମାଡି ନିର୍ମାଣ ହୋଇଥିବା ଘର ଏବଂ ସେଡ ଚିହ୍ନଟ କରାଯାଇଛି। ଆସନ୍ତାକାଲି ୬ ଜଣଙ୍କୁ ଏ ନେଇ ନୋଟିସ୍ କରାଯାଇ ୭ ଦିନ ସମୟ ଦିଆଯିବ ବୋଲି ପୌରପାଳିକା ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ ପ୍ରକାଶ କରିଛନ୍ତି। ସେମାନେ ଜବରଦଖଲ ନ ଉଠାଇଲେ ପୌରପାଳିକା ପକ୍ଷରୁ ଭଙ୍ଗା ଯାଇ ରାସ୍ତା ସମ୍ପ୍ରସାରଣ ଖୁବଶୀଘ୍ର ଆରମ୍ଭ କରାଯିବ। ସର୍କିଟ ହାଉସକୁ ଆସୁଥିବା ଭିଆଇପିମାନଙ୍କର ଯାତାୟାତକୁ ଦୃଷ୍ଟିରେ ରଖି ରାସ୍ତା ସମ୍ପ୍ରସାରଣ କରାଯିବ। ଏହି ରାସ୍ତା ୨୦ ଫୁଟ ଥିବାବେଳେ ଏହା ସମ୍ପ୍ରସାରଣ କରାଯାଇ ୩୬ ଫୁଟର ରାସ୍ତା ଏବଂ ଡ୍ରେନ୍ ନିର୍ମାଣ କରାଯିବ। ସେହିପରି ଟାଟା ପାୱାର ଅଫିସ ସମ୍ମୁଖ ସର୍କିଟ ହାଉସକୁ ଯାଇଥିବା ରାସ୍ତାର ଉଭୟ ପାର୍ଶ୍ୱରେ ମୋଟ ୩୬ଟି ଭେଣ୍ଡିଂ ଜୋନରେ ଥିବା ଦେକାନକୁ ଉଚ୍ଛେଦ କରି ଗୋଟିଏ ପାର୍ଶ୍ୱରେ ୨ ମହଲା ମାର୍କେଟ କଂପ୍ଲେକ୍ସ କରାଯିବ। ବର୍ତ୍ତମାନ ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାଟି ସଂକୀର୍ଣ୍ଣ ହୋଇ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଥିବାରୁ ଏହି ଭଳି ପଦକ୍ଷେପ ନିଆଯାଇଛି। ମାପଚୁପ ବେଳେ ସଦର ତହସିଲଦାର ଶୁଭେନ୍ଦୁ କୁମାର ସାହୁ, କେନ୍ଦୁଝରଗଡ଼ ପୌରପାଳିକା ନିର୍ବାହୀ ଅଧିକାରୀ ଲଳିତ ନାୟକଙ୍କ ଉପସ୍ଥିତିରେ ଚିହ୍ନଟ କରାଯାଇଥିଲା।

## କଂଗ୍ରେସର ଟିପ୍ପଣୀ ବିରୋଧରେ ବିକ୍ଷୋଭ

ବଉଳା/ହାଟଡ଼ିହୀ,୩୧।୧(ଦୁର୍ଗା ପ୍ରସାଦ ଆୟଚ/ ଶୁଭକାନ୍ତ ନାୟକ)

ରାଷ୍ଟ୍ରପତିଙ୍କ ଭାଷଣ ଉପରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀ ଦେଇଥିବା ମନ୍ତବ୍ୟ ବିରୋଧରେ ଆନନ୍ଦପୁର ବିଧାନସଭା କ୍ଷେତ୍ରର ଛେନାପଦୀ ପେଟ୍ରୋଲ ପମ୍ପଠାରୁ ତାରଣୀ ମନ୍ଦିର ପର୍ଯ୍ୟନ୍ତ ଆନନ୍ଦପୁର ଭାଜପା ବିଧାୟକ ପ୍ରାର୍ଥୀ ଆଲୋକ ସେଠୀଙ୍କ ନେତୃତ୍ୱରେ ଶୁକ୍ରବାର ସନ୍ଧ୍ୟା ୭ଟାରେ ବିକ୍ଷୋଭ ପ୍ରଦର୍ଶନ ସହ ରାଲି ଅନୁଷ୍ଠିତ ହୋଇଥିଲା। କଂଗ୍ରେସର ଆଦିବାସୀ ମହିଳା ରାଷ୍ଟ୍ରପତିଙ୍କ ପ୍ରତି ଅପମାନ ସୂଚକ ଟିପ୍ପଣୀ ଅତ୍ୟନ୍ତ ନିନ୍ଦନୀୟ ଏବଂ ସାମନ୍ତବାଦୀ ମାନସିକତାର ପରିଚୟ ବୋଲି ବିଧାୟକ ପ୍ରାର୍ଥୀ କହିଥିଲେ। ଅନୁସୂଚିତ ଜନଜାତି ସମ୍ପ୍ରଦାୟରୁ ଆସିଥିବା ରାଷ୍ଟ୍ରପତିଙ୍କ ପ୍ରତି ଏପରି ମନ୍ତବ୍ୟ ମହିଳା ବିରୋଧୀ ମାନସିକତାକୁ ପ୍ରତିଫଳିତ କରୁଛି ବୋଲି ଭାଜପା ନେତାମାନେ କହିଥିଲେ। ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଓ କଂଗ୍ରେସ ଦଳ କ୍ଷମା ମାଗିବା ଦରକାର ବୋଲି କୁହାଯାଇଛି । ହରମୋହନ ଶାସିନୀ, ସୁଶାନ୍ତ ଜେନା, ଜ୍ଞାନ ରଞ୍ଜନ ସାମନ୍ତସିଂହାର, ଯୁଧିଷ୍ଠିର ମଲିକ, ଶଶିକାନ୍ତ ରାଉତ, ରୁଦ୍ରପ୍ରସାଦ ଜେନା, ତପନ ସାହୁ, ବସନ୍ତ ନାୟକ, ଚନ୍ଦନ ସାହୁ, ପ୍ରଦୀପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

